# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 9/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 105 | ମୂଲ୍ୟ₹୭/-



Enroll your Child in

No.1 SCHOOL OF ODISHA

& NO.7 in India

By Education World
India School Ranking

Vidya Vikash Group of Institutions
Sambalpur | Jharsuguda | Raigarh







ENROLL NOW

FREE SUMMER COURSE

Exclusive offer for 10th appearing Students

Classes start on March 20, 2025 (CHSE) | Classes start on March 27, 2025 (CBSE)


Smart Classrooms


Exclusive Labs & Digital Library


Advance Science & Stem Labs


Outdoor Games & Sports


Swimming Pool


A/C Hostel

**Admission Open !**

CBSE - Nursery to XI (Sci./Arts/Com.) / CHSE - Science & Commerce

with integrated IIT-JEE/ NEET & CUET COACHING

Scan here for Online Registration

APPLY NOW

Visit our website: www.vidyavikash.edu.in

**Sambalpur, Campus**

- Vikash the Concept School, Sambalpur
- Vikash Higher Secondary School, Sambalpur

Address: Vidya Vikash Campus, Pabapali, Sason, Sambalpur, 768200.

Contact: 70644 13460/ 99379 79999

**Jharsuguda, Campus**

- Vidya Vikash International School, Jharsuguda
(Previously Known as Aparna World School)

Address: Buxi Chowk, Opposite RTO, Jharsuguda, Odisha, 768203.

Contact: 70770 16999/ 70777 28507

## ଜଳବନ୍ଦୀ ରହି ପରିଚୟ ଖୋଜୁଛନ୍ତି ନିରୀହ ଆଦିବାସୀ

ଭବାନୀପାଟଣା,୮।୩(ଉତ୍ତମ କୁମାର ଦାଶ)

ଦିନେ କଳାହାଣ୍ଡିକୁ ଭୋକର ଭୂଗୋଳ ବୋଲି ରାଜ୍ୟ ତଥା ଦେଶରେ ଚିତ୍ରଣ କରାଯାଉଥିଲା। ଲୋକେ ଖାଇବାକୁ ନ ପାଇ ଭୋକଉପାସରେ ଦିନ କାଟୁଥିଲେ। କଳାହାଣ୍ଡି ଜିଲାରେ ଜଳସେଚନ ସୁବିଧା ହେଲେ ଚାଷୀଙ୍କ ଅର୍ଥନୈତିକ ମାନଦଣ୍ଡ ସହିତ ମୁଣ୍ଡପିଛା ଆୟ ବୃଦ୍ଧି ପାଇବା ଆଶାରେ ଇନ୍ଦ୍ରାବତୀ ଜଳଭଣ୍ଡାରର ପରିକଳ୍ପନା କରାଯାଇଥିଲା। ଇନ୍ଦ୍ରାବତୀ ପ୍ରକଳ୍ପ ଯୋଗୁ ଅନେକ ଗାଁ ବୁଡିଗଲା, ଅନେକଙ୍କ ଜମି ଗଲା, ଗରିବ ଲୋକେ ବେସାହାରା ହୋଇଗଲେ। ସେତେବେଳର ସରକାର ଶାଗମାଛ ଦରରେ ଜୋର ଜବରଦସ୍ତ ଗରିବ ଆଦିବାସୀଙ୍କ ଜମି ଛଡାଇ ନେଇଥିଲେ। ଏହି ପରିକଳ୍ପନା ସାକାର ହେବା ପରେ କଳାହାଣ୍ଡି ଜିଲା ଧନଧାନ୍ୟରେ ପରିପୂର୍ଣ୍ଣ ହୋଇ ରାଜ୍ୟରେ ଭାତହାଣ୍ଡି ଭାବେ ପରିଚିତ ହେଲା। ହେଲେ ଯେଉଁମାନଙ୍କ ବଳିଦାନ ଯୋଗୁ କଳାହାଣ୍ଡି ଶସ୍ୟଶ୍ୟାମଳା ହେଲା ସେମାନେ ଆଜି ଅବହେଳିତ।

ଜିଲାରେ ଜଳସେଚନ ସୁବିଧା ପାଇଁ ଇନ୍ଦ୍ରାବତୀର ପରିକଳ୍ପନା କରାଗଲା। ୧୯୮୯ରୁ ୧୯୯୨ ମସିହା ମଧ୍ୟରେ ୧୫୦୦



ଇନ୍ଦ୍ରାବତୀ ଜଳଭଣ୍ଡାର।

- ଦିନେ ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ସର୍ବସ୍ୱ ଦାନ କରିଥିଲେ
- ଭୋକର ଭୂଗୋଳରୁ ଭାତହାଣ୍ଡି କରିଥିବା ଲୋକଙ୍କୁ ଭୁଲିଗଲେ ସରକାର

ପରିବାରର ୧୧ ହଜାର ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା। ପ୍ରକଳ୍ପ ପରିକଳ୍ପନା ସାକାର ହେବା ପରେ ଜିଲାର ଧର୍ମଗଡ଼ ଉପଖଣ୍ଡ ଓ ଭବାନୀପାଟଣାର କିଛିଅଂଶ ଶସ୍ୟଶ୍ୟାମଳା ହୋଇ ମରୁଡିରୁ ତ୍ରାହି ପାଇଛି। ଧାନ ଉତ୍ପାଦନରେ କଳାହାଣ୍ଡି ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରାଜ୍ୟର ଭାତହାଣ୍ଡି ଭାବରେ ନିଜର ସ୍ୱତନ୍ତ୍ର ସ୍ଥାନ ପାଇପାରିଛି। ସେହିପରି ଡାଲିଜାତୀୟ ଫସଲ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। କିନ୍ତୁ ଜଳଭଣ୍ଡାର ପାଇଁ ଯେଉଁମାନେ ବିସ୍ଥାପିତ ହେଲେ ସେମାନେ ଆଜି ବି ଜଳବନ୍ଦୀ ଜୀବନ ଜିଉଁଛନ୍ତି। ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ଅବିଭକ୍ତ କୋରାପୁଟ ଜିଲାର ୪୪ ଗାଁ ଓ କଳାହାଣ୍ଡି ଜିଲାର ୫୩ଗାଁ ବିସ୍ଥାପିତ ହେଲେ। କଳାହାଣ୍ଡି ଜିଲାର ୪୮ ଓ ନବରଙ୍ଗପୁର ଜିଲାର ୧୦ ଗାଁ ଜଳଭଣ୍ଡାରରେ ବୁଡିରହିଲା। ୯ଟି ଗାଁ ଆଂଶିକ ଭାବରେ ଜଳମଗ୍ନ ହେଲା। ଏହି ପ୍ରକଳ୍ପ ପାଇଁ ଜିଲାର ଥୁଆମୂଳ ରାମପୁର ବ୍ଲକର ଅନେକ ଅଞ୍ଚଳ ଜଳଭଣ୍ଡାର ମଧ୍ୟରେ ଲୀନ ହୋଇଗଲା। ବିଶେଷ କରି ଏହି ବ୍ଲକର ପୋଡାପଦର ପଞ୍ଚାୟତର ଘୁଟଗୁଖାଲ, ପୋଡାପଦର, ତେନ୍ତୁଳିପଦର, କାରୁବାଡ଼ି, ଲିଙ୍ଗିମେସ୍କା, ଭିତରଡୁଙ୍ଗା, ସରାଫାସ, ଟେମରା, ଝିରି, ଭୁରଭୁରି, ତଳଟେମରା, ଢେପଟେମରା, ତଳଗୁଞ୍ଜିମାଳି, ଉପର ଗୁଞ୍ଜିମାଳି, କଲାତି, ତଳପଙ୍ଗା, କଟଗୁପାଟ ସମେତ ୧୬ ଗ୍ରାମ ମଧ୍ୟରୁ ୩ଟି ରାଜସ୍ୱ ଗ୍ରାମ ଓ ୧୩ଟି ଉପଗ୍ରାମ ଓ ମାଲିଗାଁ ପଞ୍ଚାୟତର କେ. ଚେପଟାଘାଟି ପ୍ରମୁଖ ଗ୍ରାମ ଜଳବନ୍ଦୀ ଘେରରେ ରହି ଭୌଗୋଳିକ ପରିସୀମାରେ ନିଜର ପରିଚୟ ଖୋଜୁଛନ୍ତି। ଅନେକ ଲୋକ ନିଜ ଘରଦ୍ୱାର, ଚାଷଜମି ହରାଇଲେ। ଶାଗମାଛ ମୂଲ୍ୟରେ ଏମାନଙ୍କ ସମ୍ପତ୍ତିର ମୂଲ୍ୟାୟନ କରି ବଞ୍ଚିବା ପାଇଁ ସହାୟତା ରାଶି ବଣ୍ଟନ ବ୍ୟବସ୍ଥାରେ ମଧ ପ୍ରତାରଣା କରାଯାଇଥିଲା। ଏବେ ବି ସେମାନେ ବଞ୍ଚିବାର ରାହା ଖୋଜୁଛନ୍ତି। ଛୋଟ ଝିଅମାନେ ଖାଦ୍ୟ ଭାବେ ମାଣ୍ଡିଆ ସହିତ ତେନ୍ତୁଳି ଖାଉଥିବା ଦେଖିବାକୁ ମିଳିଛି। ଗତ ୨୪ ବର୍ଷର ବିଜେଡି ସରକାର ଜଳବନ୍ଦୀ ଜୀବନ ଜିଉଁଥିବା ଏହି ନିରୀହ ଆଦିବାସୀଙ୍କୁ ଅଣଦେଖା କଲେ। ବର୍ତ୍ତମାନ ରାଜ୍ୟରେ ଭାଜପା ସରକାର ଆସିଥିବାବେଳେ ଆଦିବାସୀମାନଙ୍କ ଦୁଃଖ କେବେ ବୁଝୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## କଳାହାଣ୍ଡିରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ





ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା କରାଯାଉଛି।

ଭବାନୀପାଟଣା,୮।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଶନିବାର ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲା ଆଇନସେବା ପ୍ରାଧିକରଣ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୧୩ ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୯ ଲକ୍ଷ ୮୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୧୪ ଦେୱାନୀ ମକଦ୍ଦମା ଓ ବିଚାରଯୋଗ୍ୟ ୨୦୫ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା। ଏହାସହ ଏନ୍ଆଇ ଆକ୍ଟ ମାମଲା (ଦଫା–୧୩୮) ୬ଟି ଫଇସଲା କରାଯାଇ ୫ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୭ଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୧୬୬୬ଟି ଫଇସଲା କରାଯାଇ ୮ଲକ୍ଷ ୫୦ ହଜାର ଟଙ୍କା ଓ ୫୬୭ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୯୬ ଲକ୍ଷ ୯୧ ହଜାର ୭୯୪ ଟଙ୍କା ଆଦାୟ କରାଯାଇଥିଲା। ସମୁଦାୟ ୨୪୭୮ଟି ମାମଲାର ଫଇସଲା କରାଯାଇଥିଲା। ଏହି ଲୋକ ଅଦାଲତରେ ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍ ରାଜଶ୍ରୀ ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଦ୍ମଲୋଚନ ବଡଜେନା, ସିନିୟର ସିଭିଲ ଜଜ୍ ସୁଦିପ୍ତା ଦେହୁରି, ସଚିବ ଜିଲା ଆଇନ ସେବା ପ୍ରାଧିକରଣ ଶୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ୍ (ମହିଳା ଅଦାଲତ) ରଶ୍ମିରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶାଳ ପ୍ରମୁଖ ଉପସ୍ଥିତ ରହି ଅଦାଲତ ପରିଚାଳନା କରିଥିଲେ।

### ସଂକ୍ଷେପରେ

## ନର୍ଲା ଡିଗ୍ରୀ କଲେଜରେ ଆନ୍ତର୍ଜାତିକ ମହିଳା ଦିବସ

ରୁପ୍ରାରୋଡ୍,୮।୩(ସଞ୍ଜୀବ ଦାସ): କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମାଇଁ ଭାରତ ଓ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଆନୁକୂଲ୍ୟରେ ତଥା ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସରିଆଁର ମିଳିତ ସହଯୋଗରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଜୋନ୍ ୨ର ହରିଶଙ୍କର ମାଝି ମୁଖ୍ୟ ଅତିଥି, ସାମାଜିକ କର୍ମୀ ପଦ୍ମଲୋଚନ ମିଶ୍ର ମୁଖ୍ୟବକ୍ତା, ରିସୋର୍ସ ପର୍ସନ ଭାବେ କୁମ୍‌କୁମ୍ ପ୍ରିୟଦର୍ଶିନୀ ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପଙ୍କଜିନୀ ନାୟକ, କଲେଜ ଅଧ୍ୟକ୍ଷ ନାରାୟଣ ନାଏକ, ଇଂରାଜୀ ଅଧ୍ୟାପିକା ବାସନ୍ତୀ ସାହୁ, ଭୂଗୋଳ ଅଧ୍ୟାପିକା ସଂଘମିତ୍ରା ପଣ୍ଡା ପ୍ରମୁଖ ଯୋଗଦେଇ ସମାଜରେ ମହିଳାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପରେ ଛାତ୍ରୀମାନଙ୍କ ମଧ୍ୟରେ କବିତା ପ୍ରତିଯୋଗିତା ହୋଇଥିଲା। ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ମିଳନ କୁମାର ଭୋଇ ମଞ୍ଚ ପରିଚାଳନା ଓ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ହେମସାଗର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

ପଲମ, ୮।୩ (ଭିକାରି ଗଡଡ଼): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ପଲମ ପଞ୍ଚାୟତସ୍ଥିତ ପଲମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଶନିବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଈଶ୍ୱର ମାଝୀ, ପଲମ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିରଞ୍ଚି ନାଏକ, ପଲମ କ୍ଲଷ୍ଟର ସିଆର୍‌ସିସି ଡୁଲେଶର ରଣା, ଶିକ୍ଷକ ବିଶ୍ୱାମିତ୍ର ଗହୀର, ସ୍କୁଲ କମିଟି ସଭାପତି ଉମାଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଲାଞ୍ଜି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଖଡ଼ିଆଳ,୮।୩ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଲାଞ୍ଜି ଗ୍ରାମପଞ୍ଚାୟତର ଲାଞ୍ଜି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କମିଟି ସଭାପତି ଗୀତାଞ୍ଜଳି ପୋଢ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲାଞ୍ଜି ସିଆର୍‌ସିସି ପ୍ରଫୁଲ୍ଲ କୁମାର ବେହେରା ମୁଖ୍ୟ ଅତିଥି, ସାମାଜିକ କର୍ମୀ ବଳରାମ ନନ୍ଦ ମୁଖ୍ୟବକ୍ତା ଓ ପୂର୍ବତନ ସରପଞ୍ଚ ବଳଦେବ ମାଝୀ, ୱାର୍ଡମେମ୍ବର ସୁପାରି ମାଝୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ନାୟକ ମଞ୍ଚ ପରିଚାଳନା ଓ ପ୍ରଧାନ ଶିକ୍ଷୟିତ୍ରୀ ମମତା ପାଢ଼ୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଉଦ୍ଧାର ପାଇଁ ଦାଦନ ଶ୍ରମିକଙ୍କ ଭିଡିଓ ବାର୍ତ୍ତା

ନୂଆପଡ଼ା,୮।୩ (ମକାରୁ ବେମାଲ)

ହାଇଦ୍ରାବାଦ ଯାଇ ନିର୍ଯାତନାର ଶିକାର ହେଉଥିବା ନୂଆପଡ଼ା ଜିଲାର ୫ ଦାଦନ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ବୁଧବାର ଉଦ୍ଧାର ହୋଇ ଘରକୁ ଫେରିଥିବା ବେଳେ ଶନିବାର ପୁଣି ୧୦ ଦାଦନ ଶ୍ରମିକ ଉଦ୍ଧାର ପାଇଁ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ଖଡିଆଳ ଥାନା ଲାଞ୍ଜି ପଞ୍ଚାୟତ ମନ୍ତ୍ରୀତରାଇ ଗାଁର ମହେଶ ମାଝି (୨୬), କୁନ୍ତି ମାଝି (୨୨), ରୂପଚନ ମାଝି (୫୫), ସୁଜନ ମାଝି (୫୬), ତିନ୍ତି ମାଝି (୫୦) ଓ ବୋଡେନ ଥାନା ଲର୍କା ପଞ୍ଚାୟତ କୃତଗୁମ୍ଭା ଗାଁର କ୍ଷିରସିନ୍ଧୁ ମାଝି (୨୭), ସୁରୁମତି ମାଝି (୨୨), ଧନମତି ମାଝି (୨୨), ଉମାକାନ୍ତ ମାଝି (୨୪), ଅନିକା ମାଝି (୨୧) ଗତ ସେପ୍ଟେମ୍ବର ୧୮ରେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ଦାଦନ ସର୍ଦ୍ଦାର ମାଧ୍ୟମରେ ସେମାନେ ହାଇଦ୍ରାବାଦ କର୍ନୋଲ ଜିଲା ଏମ୍ ରୋଡ ଏସ୍‌ବିଆଇ ଇଟାଭାଟିରେ କାମ କରୁଥିଲେ। ସେଠାରେ ଇଟାଭାଟି ମାଲିକଙ୍କ ନିର୍ଯାତନା ସହି ନ ପାରି ନୂଆପଡା ଜିଲା ଶ୍ରମ କାର୍ଯ୍ୟାଳୟକୁ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଉଦ୍ଧାର ପାଇଁ ନିବେଦନ କରିଥିଲେ । ଜିଲା ଶ୍ରମ ଅଧିକାରୀଙ୍କ ହସ୍ତକ୍ଷେପ ପରେ କେତେଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇ ଘରକୁ ଫେରି ଆସିଛନ୍ତି । ଯେଉଁମାନେ ସେଠାରେ ରହି କାମ କରୁଛନ୍ତି ସେମାନଙ୍କୁ ଜଣେ ଲୋକ ୫ ଲକ୍ଷ ଇଟା ତିଆରି କଲେ ଘରକୁ ଛାଡିବି ବୋଲି କହି ମାରପିଟ କରୁଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଉଦ୍ଧାର ପାଇଁ ସେମାନେ ପ୍ରଶାସନକୁ ନିବେଦନ କରିଛନ୍ତି ।



ହାଇଦ୍ରାବାଦରେ ନିର୍ଯାତିତ ଦାଦନ ଶ୍ରମିକ।

## କୋକସରା ବ୍ଲକସ୍ତରୀୟ ନିପୁଣ ମେଳା

କୋକସରା,୮।୩ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ): କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ନିପୁଣମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ଡିଆଇଇଟି ଶିକ୍ଷକ ପ୍ରଶିକ୍ଷକ ସଞ୍ଜୟ କୁମାର ଶବର ମୁଖ୍ୟବକ୍ତା ଓ ବିଧାୟକ ପ୍ରତିନିଧି ତ୍ରିନାଥ ଶବର, ବିଆର୍‌ସିସି ତୋଫାନ ମାଝୀ, ଏବିଇଓ ଦୟାନିଧି ପାଢ଼ୀ, ଆଲୋରାଣୀ ହାଲ୍‌ଦାର, ଭାଜପା କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଆର୍‌ସିସି ମାଝୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ବୃଦ୍ଧିକରି ସେମାନଙ୍କ ଶିକ୍ଷାର ବିକାଶ ପରିପ୍ରକାଶ ପାଇଁ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ଏହି ଉଦ୍ୟମ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଲାଞ୍ଜିଗଡ଼,୮।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ବାତେଲିମା ପଞ୍ଚାୟତ ବାଣିପଙ୍ଗାସ୍ଥିତ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବସନ୍ତ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ ମୁଖ୍ୟ ଅତିଥି, ଲାଞ୍ଜିଗଡ଼ ସିଏଚ୍‌ସି ଡା. ନରେନ୍ଦ୍ରନାଥ ଦାସ ମୁଖ୍ୟବକ୍ତା ଓ ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯାମୀ କହଁର, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାରସିଂ, ମଧୁପୁର ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନ, ଛତ୍ରପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରବିନ୍ଦ ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଯୋଗାଡି ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀ ସନ୍ଧ୍ୟାରାଣୀ ମାଝୀ ଓ ରୀନା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ବସନ୍ତ କୁମାର ମାଝୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ହିନ୍ଦୀ ଶିକ୍ଷକ ଯୋଗେଶ୍ୱର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଦିବସରେ ଆଇନ ସଚେତନତା





କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଖଡ଼ିଆଳ, ୮।୩ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସରେ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ସବ୍‌ଜଜ୍ ଖଡିଆଳ ଇସା ପତି ଅଧ୍ୟକ୍ଷତା କରିଥିଲେ। ପ୍ରଥମଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ସମୀକ୍ଷା ସା, କଲେଜ ଅଧ୍ୟକ୍ଷ ଲିଜା ଆଚାର୍ଯ୍ୟ, ଆଇନସେବା ପ୍ରାଧିକରଣ ସଦସ୍ୟ ମେଜର ଡ. ରାମ ଚନ୍ଦ୍ର ମିଶ୍ର, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଡ. ଫାନିନ୍ଦମ ଦେଓ, ଆଡିସନାଲ ପିପି ବାଞ୍ଛାନିଧି ବେହେରା, ଟ୍ରେନର ଟିକେଶ୍ୱର ବେହେରା ପ୍ରମୁଖ ଯୋଗଦେଇ ସଚେତନ ହେଲେ ନାରୀ ହିଂସା ଦୂରୀଭୂତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଲେଜ ଅଧ୍ୟକ୍ଷା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## କର୍ଲାପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ

କୋକସରା,୮।୩ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ନେଗିଗୁଡ଼ା କର୍ଲାପଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଗୁରୁବାର କଳସ ଯାତ୍ରାରେ ଶତାଧିକ ମହିଳା ସାମିଲ ହୋଇଥିଲେ। ଶୁକ୍ରବାର ପ୍ରାତଃରୁ ଗ୍ରାମର କାଳେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ ନାମାରମ୍ଭ କରିଥିଲେ। କ୍ଷୀର ଗୋପାଳ ଓ ସେରାମ ଗୋପାଳ କର୍ତ୍ତା ରୂପରେ, ଜ୍ୟୋତିର୍ବିଦ ଭୂପେଶ ତିୱାରୀ, ବେହେରା ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ, ପ୍ରଶାନ୍ତ ତିୱାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ନାମଯଜ୍ଞରେ ୬ଟି ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ଶନିବାର ନଗର ପରିକ୍ରମା, ଦଧିହାଣ୍ଡି ଭଗ୍ନ ଓ ପୂର୍ଣ୍ଣାହୁତି ହୋଇଥିଲା।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୨୧୯ ମାମଲା ସମାଧାନ

ନୂଆପଡ଼ା,୮।୩ (ମକାରୁ ବେମାଲ)

ଜିଲା ଆଇନସେବା ପ୍ରାଧିକରଣ ନୂଆପଡା ଆନୁକୂଲ୍ୟରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ମହାପାତ୍ର, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ଜଜ୍ ଖରିଆର ଇସା ପତି, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍‌ଡିଜେଏମ୍ ସ୍ମାତାକି ଦାଶ, ଜେଏମ୍‌ଏଫ୍‌ସି କୋମନା ବର୍ଷା ମାହାନ୍ତି, ଜେଏମ୍‌ଏଫ୍‌ସି ସିନାପାଲି ପ୍ରଜ୍ଞା ପରମିତା ମହାନ୍ତି ପ୍ରମୁଖ ଯୋଗଦେଇ ୨ ହଜାର ୨୧୯ ମାମଲା ଫଇସଲା କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଲୋକ ଅଦାଲତ ପରିଚାଳନା କରିଥିଲେ ।

## ପାହାଡ଼ ତଳି ଗାଁ ଲୋକଙ୍କୁ ହିଂସ୍ରଜନ୍ତୁ, ନିଆଁ ଭୟ

ନୂଆପଡ଼ା,୮।୩ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଅଧିକାଂଶ ଜଙ୍ଗଲରେ ନିଆଁ ଲାଗି ହୁତ୍‌ହୁତ୍ ହୋଇ ଜଳିବାରେ ଲାଗିଛି। ଜଙ୍ଗଲ ବିଭାଗ କର୍ମଚାରୀ ନିଆଁ ଲିଭାଇବା ପାଇଁ ନାକେଦମ ହୋଇଗଲେଣି। ସପ୍ତାହରୁ ଊର୍ଦ୍ଧ୍ୱ ହେବ ଗୋଡ଼ା ପାହାଡ଼, ଘାଟିପଡ଼ା ଜଙ୍ଗଲ, ଭାଲୁଡୋଙ୍ଗରି, ବୁଢାରଜା ପାହାଡ଼ରେ ନିଆଁ ଲାଗି ଜଳୁଛି। ସେହିପରି ନୂଆପଡ଼ା ଓ ବଲାଙ୍ଗୀର ଜିଲା ମଧ୍ୟଭାଗରେ ଥିବା ଚାନ୍ଦେଲ ପାହାଡ଼ରେ ନିଆଁର ପ୍ରକୋପ ବଢିବାରେ ଲାଗିଛି। ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଛନ୍ତି। ଏହା ଦ୍ୱାରା ସେମାନେ କେତେବେଳେ ଶିକାରୀ କବଳରେ ପଡୁଛନ୍ତି ତ ପୁଣି ଜନବସତିରେ ପଶି ଆତଙ୍କ ଖେଳାଉଛନ୍ତି। ଏହାକୁ ନେଇ ପାହାଡ ତଳି ଗାଁ ଲୋକଙ୍କ ନିଦ ହଜି ଯାଇଛି। ଜଙ୍ଗଲରେ ନିଆଁ ଲାଗି ଅନେକ ଔଷଧିୟ ବୃକ୍ଷ ନଷ୍ଟ ହେଉଛି। ବର୍ତ୍ତମାନ ମହୁଲ ଫୁଲ ସଂଗ୍ରହ ସମୟ। ମହୁଲ ଗଛ ତଳ ସଫା କରିବା ନାଁରେ ଲୋକେ ନିଆଁ ଲଗାଇ ଛାଡି ଦେଉଛନ୍ତି। ସେହି ନିଆଁ ଶୁଖିଲା ଡାଳପତ୍ରରେ ଲାଗି ଚାରିଆଡେ ବ୍ୟାପୁଛି। ବନ ବିଭାଗ କର୍ମଚାରୀ ଏ ନେଇ ସଚେତନତା ସୃଷ୍ଟି କରିବା ଆବଶ୍ୟକ ହୋଇପଡିଛି। ଏ ସଂକ୍ରାନ୍ତରେ କୋମନା ବନ ବିଭାଗ ରେଞ୍ଜର ଦେବଦତ୍ତ ସୁତାରଙ୍କୁ ପଚାରିବାରୁ ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି । ସମସ୍ତ କର୍ମଚାରୀ ନିଆଁ ଲିଭାରେ ବ୍ୟସ୍ତ ଅଛନ୍ତି। କର୍ମଚାରୀ ଅଭାବରୁ ସବୁ ସ୍ଥାନକୁ ଯାଇହେଉ ନାହିଁ ବୋଲି କହିଥିଲେ।



ଚାନ୍ଦେଲ ପାହାଡ ତଳି ଅଞ୍ଚଳ ଶାବୁନ ଜଙ୍ଗଲରେ ନିଆଁ ଲାଗିଛି।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

ଭବାନୀପାଟଣା/ ନୂଆପଡ଼ା,୮।୩ (ଉତ୍ତମ କୁମାର ଦାଶ/ ମକାରୁ ବେମାଲ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଶନିବାର ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିବେଦିତା ନାଥ ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ସାଂସଦ ପ୍ରତିନିଧି ଜୟ ଶଙ୍କର ନାଏକ, ବିଧାୟକ ଧର୍ମଗଡଙ୍କ ପ୍ରତିନିଧି ଯୁଗଳ କିଶୋର ପୋଢ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲା ସମାଜ କଲ୍ୟାଣ ବିଭାଗ ତରଫରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଦିବସ ପାଳନ ଅବସରରେ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ବ୍ରହ୍ମପୁରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ଅର୍ଥ ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରିଥିଲେ। ଏହା ଦ୍ୱାରା ରାଜ୍ୟର ଏକ କୋଟି ୬୪ ହଜାରରୁ ଊର୍ଦ୍ଧ୍ୱ ଓ କଳାହାଣ୍ଡି ଜିଲାର ୩ଲକ୍ଷ ୮୫ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇଛନ୍ତି।

ସେହିପରି ନୂଆପଡ଼ା ପୋଲିସ ପଡିଆଠାରେ ଶନିବାର ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା ମୁଖ୍ୟ ଅତିଥି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, କଳାହାଣ୍ଡି ଏମ୍‌ପି ପ୍ରତିନିଧି ସରୋଜ ଦେବୀ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ଉପରେ ମତବ୍ୟକ୍ତ କରି କିଭଳି ଏଥିରୁ ଉପକୃତ ହୋଇପାରିବେ ସେ ଉପରେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ମହିଳା, କିଶୋରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୂଆପଡା ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ମୁଖ୍ୟ କୃଷି ଅଧିକାରୀ ଚିନ୍ତାମଣି ବେହେରା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୀମାଞ୍ଚଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।



ଭବାନୀପାଟଣାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।



ନୂଆପଡ଼ାଠାରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

# ମହିଳାମାନେ ସ୍ୱାବଲମ୍ବୀ ହେଲେ ଦେଶ ସମୃଦ୍ଧ ହେବ

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବରଗଡ଼ ରାଣାପ୍ରତାପ ସ୍କୁଲର ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତର୍ଜାତୀୟ ମହିଳା ଦିବସରେ ସଂସଦର ସଭାନେତ୍ରୀ ଧରିତ୍ରୀ ରାଉତ୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିଆର୍‌ସିସି ପାର୍ବତୀ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ନାରୀଶକ୍ତିକୁ ସୃଷ୍ଟିର କାର୍ଯ୍ୟକାରିଣୀ ଶକ୍ତି ଏବଂ ନାରୀ ଯୁଗେଯୁଗେ ବନ୍ଦନୀୟା ବୋଲି ସେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ ସମ୍ମାନିତ ବକ୍ତାଭାବେ ଯୋଗଦାନ କରିଥିଲେ। ମହିଳାଙ୍କୁ ସମ୍ମାନ ଦେବତାଙ୍କଠାରୁ କମ୍ ନୁହେଁ ବୋଲି ସେ କହିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ସୁନୀତା ମିଶ୍ର ନାରୀ ନାରାୟଣୀ କବିତା ପାଠ କରିଥିଲେ। ସୀମାରାଣୀ ସାହୁ ନାରୀଙ୍କ ଭୂମିକା ଉପରେ ଆଧାରିତ ଏକ ସଙ୍ଗୀତ ପରିବେଷଣ କରିଥିଲେ। ଏହି




ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ଛାତ୍ରୀଙ୍କ ପଦଯାତ୍ରା।

ପରିପ୍ରେକ୍ଷୀରେ ଛାତ୍ରୀମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ସଂସଦର ସମ୍ପାଦିକା ସାଳିନୀ ସା ପ୍ରତିଯୋଗିତା ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଶିକ୍ଷୟିତ୍ରୀ ଜ୍ୟୋତି ବେହେରା, ଦୀପିକା କୁଲୁ, ତପସ୍ୱିନୀ ତ୍ରିପାଠୀ, ଭାରତୀ ସେଟ୍, ନନ୍ଦିତା ସାହୁ, ସୀମା ଭୋଇ, ସାଗ୍ୟା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ ଶିଶୁ ସାହିତ୍ୟ ସଂସଦର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସେହିପରି ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

**ସରଣ୍ଡା,(ଯୁଧିଷ୍ଠିର ମହାପାତ୍ର):** ମହିଳାମାନେ ସ୍ୱାବଲମ୍ବୀ ହେଲେ ଦେଶ ସମୃଦ୍ଧ ହେବା ସହ ବହୁବିଧ ବିକାଶ ହୋଇପାରିବ ବୋଲି ଅତାବିରା ଭାଜପା ପକ୍ଷରୁ ଆୟୋଜିତ ବିଶ୍ୱ ମହିଳା ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ କହିଛନ୍ତି। ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ ଗଲେଣି। ଏମାନେ ପୁରୁଷଙ୍କୁ ମଧ୍ୟ ପଛରେ ପକାଇଛନ୍ତି। ପୁଣି ଦେଶର ପ୍ରଥମ ନାଗରିକ ଭାବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି ବୋଲି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଶ୍ୱ ମହିଳା ଦିବସ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଅତାବିରା ସିଡିପିଓ ଉର୍ମିଳା ପରିଡ଼ା, ଅବସରପ୍ରାପ୍ତ ପ୍ରଶାଶନିକ ଅଧିକାରୀ ତଥା ଗାଳ୍ପିକା କବିୟତ୍ରୀ ତପସ୍ୱିନୀ ଗୁରୁ, କୁଲୁଣ୍ଡା ଗ୍ରାମର ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ହୃଷିକେଶ ନାୟକଙ୍କ ସ୍ତ୍ରୀ ପଞ୍ଚମୀ ନାୟକ, ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀ ମାମୀ ଘୋଷ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଥିଲେ। ଏହି ଅବସରରେ ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ତ୍ରୀ ପଞ୍ଚମୀ ନାୟକ ଓ ମାମୀ ଘୋଷଙ୍କୁ ସ୍ମାରକୀ ସହ ସମ୍ମାନ ପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

**ବରପାଲି,(ଚିତ୍ତରଞ୍ଜନ ସାହୁ):** ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱ କରିଥିବା ଅଧ୍ୟାପିକା ନିଳୀମା ନାୟକଙ୍କ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ ।

**ପାଇକମାଳ,(ବଡ଼ ଶତପଥୀ):** ପାଇକମାଳ ବ୍ଲକ ଆଇକେଡ଼ା ଅନୁଷ୍ଠାନ ମହିଳା ସଂଗଠନ ଦାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମପୁର କୃଷି ଜିଲା ଅଧିକାରୀ ପ୍ରଭାସ ପଣ୍ଡା ସମ୍ମାନିତ ଅତିଥି ଭାବେ ନୀତି ଆୟୋଗ ଏବିଏଫ ସୁଶ୍ରୀ ମଧୁସ୍ମିତା ବେହେରା ଓ ମୁଖ୍ୟ ବକ୍ତା ଭାବେ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର ସମେତ ସୁଜାତା ଧରୁଆ, ଆକାଂକ୍ଷା ନାମଦେଓ ଯୋଗଦେଇଥିଲେ। ଏ ଅବସରରେ ସଫଳ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସମାଜ ସେବାରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଥିବା ପ୍ରକୃତିବନ୍ଧୁ ସାମ୍ବାଦିକ ଧିରେନ ମହାନ୍ତିଙ୍କୁ ମଧ୍ୟ ଉପଢୋକନ ଦେଇ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ସେତୁ କାମବେଳେ ମହାନଦୀରେ ଭାସିଯାଇ ଶ୍ରମିକ ମୃତ

ବାଉଁଶୁଣୀ/ଅମରପାଲି,୮।୩ (ଦେବାଶିଷ ନେପାକ/ପିତାମ୍ବର ସାହୁ)

ବୌଦ୍ଧ ଜିଲା ବାଉଁଶୁଣୀ: ବୀରମହାରାଜପୁର ନିକଟ ମହାନଦୀର ଦେଉଳି ସେତୁ ନିର୍ମାଣ ବେଳେ ପାଣିରେ ଭାସିଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକ ହେଲେ ସାହାରସା ଜିଲା ସାଲପୁଆ ଅଧୀନ କାଠଘର ଗ୍ରାମର ନୀତିଶ କୁମାର ରାମ(୨୨)। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଏ ନେଇ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୭/୨୫) ରୁଜୁ ହୋଇଛି।

ବାଉଁଶୁଣୀ-ବୀରମହାରାଜପୁର ଦେଉଳି ସେତୁ ନିର୍ମାଣସ୍ଥଳରେ ଗତ ଏକମାସ ହେଲା ବିହାରର ୨୨ ଜଣ ଶ୍ରମିକ କାମ କରୁଥିଲେ। ସେତୁରେ ନିର୍ମାଣ ହେଉଥିବା ପାଇଲ ଫାଉଣ୍ଡେଶନରେ ଛଡ ବାନ୍ଧିବା ସମୟରେ ଶନିବାର ଅସାବଧାନତା ବଶତଃ ନୀତିଶ ନଦୀ ସ୍ରୋତରେ ପଡିଯାଇଥିଲେ। ଅନ୍ୟ ଶ୍ରମିକମାନେ ଖୋଜାଖୋଜି କରି ୨ ଘଣ୍ଟା ପରେ ତାଙ୍କୁ ତଳ ମୁଣ୍ଡରେ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ନୀତିଶଙ୍କ ମୃତ୍ୟୁ ହୋଇଯାଇଥିବା ଡାକ୍ତର କହିଛନ୍ତି।

### ବାଲି ଚୋରାଚାଲାଣ, ୭ ଟ୍ରାକ୍ଟର ଜବତ

**ବୌଦ୍ଧ,୮।୩ (ଅଜିତ କୁମାର ବାରିକ ):** ବୌଦ୍ଧ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରା ବାଲିଚାଲାଣ ଉପରେ ପୋଲିସ ଚଢାଉ କରୁଛି। ଏହି କ୍ରମରେ ବୌଦ୍ଧ ଥାନା ଅଞ୍ଚଳରୁ ୪, କଣ୍ଟାମାଳରୁ ୨ଟି ଓ ବାଉଁଶୁଣୀ ଥାନା ଅଞ୍ଚଳରୁ ଗୋଟିଏ ଟ୍ରାକ୍ଟର ଜବତ କରାଯିବା ସହ ଡ୍ରାଇଭରମାନଙ୍କୁ ଥାନାରେ ଅଟକ ରଖାଯାଇଥିଲା। ପରେ ଟ୍ରାକ୍ଟର ମାଲିକମାନଙ୍କ ନାମରେ ମାମଲା ରୁଜୁ କରି ଡ୍ରାଇଭରମାନଙ୍କୁ ବ୍ୟକ୍ତିଗତ ଜାମିନରେ ଛଡାଯାଇଥିବା ଜଣାପଡିଛି। ପୋଲିସ ପକ୍ଷରୁ ପ୍ରତ୍ୟେକ ଥାନା ଅଞ୍ଚଳରେ ବାଲି ଓ ଅନ୍ୟ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ଉପରେ ଦୃଷ୍ଟି ରଖାଯାଇଥିବା ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରିତ କୁମାର ମୁନି ସୂଚନା ଦେଇଛନ୍ତି।

# ସମାଜ ଉନ୍ନତିରେ ମହିଳାଙ୍କ ଅବଦାନ ଅତୁଳନୀୟ




କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ଗହଣରେ ଅତିଥିମାନେ।

**ହରଭଙ୍ଗା,୮।୩(ନରେନ୍ଦ୍ର କୁମାର ସାହୁ )**

ବୌଦ୍ଧ ଜିଲା ହରଭଙ୍ଗା ତାଲୁକ ଆଇନସେବା କମିଟି ପକ୍ଷରୁ ବଡବନ୍ଧ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟି ଅଧ ପ୍ରୀତିଶ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସାମଲ ସମାଜ ଉନ୍ନତିରେ ମହିଳାମାନଙ୍କ ଅବଦାନ ଅତୁଳନୀୟ ବୋଲି କହିବା ସହ ଆଜିର ସମାଜରେ ନାରୀମାନେ ଆଗକୁ ଆସି ସବୁକ୍ଷେତ୍ରରେ ଭାଗ ନେବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ର ଓ ଅଲିଭା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଏସ୍‌ଆଇ ହୃଷୀକେଶ ମେହେର, ଆଇନଜୀବୀ ବନମାଳି ଦାସ, କୋର୍ଟ କର୍ମଚାରୀ ପ୍ରଭୁଦତ୍ତ ଛତ୍ରିଆ, ସୁମନ୍ତ ପ୍ରଧାନ, ତ୍ରମ୍ବନାଥ ପାତ୍ର ଓ ବିଦ୍ୟାଳୟର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ। ସେହିପରି ପୁରୁଣାକଟକଠାରେ ଥିବା ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ ଡ. ରମେଶ ଚନ୍ଦ୍ର ତାରେଣିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଅଧ ଲଳିତ କୁମାର ମେହେର, ଅଧ୍ୟାପକ ରଞ୍ଜିତ କୁମାର ସାମଲ, ପୀତବାସ ମେହେର, ଅଧ୍ୟାପିକା ଶୁଭ୍ରା ମଲିକା ପ୍ରଧାନ, ପୂଜାରାଣୀ ଦେଓ, ଦମୟିନୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ସୁଷମାରାଣୀ ବହିଦାର ଯୋଗଦେଇ ମହିୟସୀ ମହିଳାମାନଙ୍କ ଉପରେ ଉଦାହରଣ ଦେଇଥିଲେ। ଅଧାପକ ତଥା ଯୁବ ରେଡ୍‌କ୍ରସ ସଂଯୋଜକ ସୁରେଶ୍ୱର ଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ନାବାଳିକା ଛାତ୍ରୀ ଗର୍ଭବତୀ ଅଭିଯୋଗ, ଯୁବକ ଗିରଫ

**ପାଇକମାଳ, ୮।୩(ବଡ଼ ଶତପଥୀ)**

ପାଇକମାଳ ଥାନା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସ୍ଥାନୀୟ ଥାନା ଅଞ୍ଚଳର ଯୁବକ ଜଣକ ନିଜ ସହପାଠୀ ନାବାଳିକା ଛାତ୍ରୀକୁ ପ୍ରେମ କରୁଥିଲେ। ତାଙ୍କୁ ବିବାହ କରିବେ ବୋଲି ପ୍ରଲୋଭନ ଦେଖାଇ ଛାତ୍ରୀଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଛାତ୍ରୀ ଜଣକ ୬ ମାସର ଗର୍ଭବତୀ ହେବାପରେ ତାଙ୍କୁ ବିବାହ କରିବାକୁ ମନା କରିଥିଲେ। ନାବାଳିକାଜଣକ କାରଣ ପଚାରିବାରୁ ତୁମେ ଅଲଗା ଜାତିର ଥିବାରୁ ବିବାହ କରିପାରିବି ନାହିଁ ବୋଲି କହି ଛାଡ଼ି ଦେଇଥିଲେ। ଏ ବିଷୟରେ ସମ୍ପୃକ୍ତା ଛାତ୍ରୀ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ନାବାଳିକାଙ୍କ ବାପା ପାଇକମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାଇକମାଳ ଥାନାଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ ନଂ. ୫୫/୨୫ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି ପୋସ୍କୋ କୋର୍ଟକୁ ପଠାଇଥିବା ଜଣାପଡ଼ିଛି।

# ପ୍ରତିଶ୍ରୁତି ମିଳିଲା, ଧାରଣା ସ୍ଥଗିତ

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ, ସମ୍ବଲପୁର ଜୋନ୍ ପକ୍ଷରୁ ବିଭିନ୍ନ ଦାବି ନେଇ ଗଣଧାରଣା ଚେତାବନୀ ଦିଆଯାଇଥିଲା। ତେବେ ଦାବି ସମୂହ ନେଇ ସଂଘ ପକ୍ଷରୁ ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଏକ ଦାବିପତ୍ର ପ୍ରଦାନ ସହିତ ସେ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସେ ଏହାକୁ ଗୁରୁତ୍ୱର ସହିତ ନେଇଥିଲେ। ବରଗଡ଼ ସହର ଆଶାକିରଣସ୍ଥିତ ଏମ୍‌ପି ପୁରୋହିତଙ୍କ ବାସଭବନରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଏମ୍‌ପି ପୁରୋହିତ ବିଭାଗୀୟ ଅଧିକାରୀଙ୍କ ସହିତ ତତ୍କାଳ ଫୋନରେ ଆଲୋଚନା କରିଥିଲେ। ତେବେ ଚଳିତ ମାର୍ଚ୍ଚ ମାସ ଦରମାରେ ଯାନ୍ତ୍ରିକ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ଲାଗୁ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗଣଧାରଣା କାର୍ଯ୍ୟକ୍ରମ ସ୍ଥଗିତ ରଖିବାକୁ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀମାନେ ନିଷ୍ପତ୍ତି ନେଇଥିଲେ। ଦ୍ୱିପାକ୍ଷିକ ବୈଠକରେ ସଂଘର ଜୋନାଲ ସମ୍ପାଦକ ସଦାଶିବ ବିଶୋଇ, ବରଗଡ଼ ଓ ବରପାଲି ଶାଖା ସମ୍ପାଦକ ଚକ୍ରଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୪୧୪୦ ମାମଲାର ଫଇସଲା, ୧.୬୬ କୋଟି ଆଦାୟ

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଲୁନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଲୋକ ଅଦାଲତରେ ବିଚରାଧିନ ମୋକଦ୍ଦମା ଯଥା ଦେୱାନୀ ଓ ଫୌଜଦାରୀ(ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ କରାଯାଇଥିଲା।

ଉକ୍ତ ଲୋକ ଅଦାଲତରେ ୩୨୯୦ ପ୍ରାକ୍ ମୋକଦ୍ଦମା ଏବଂ ୬୦୪୩ ବିଚାରାଧୀନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବ୍ୟାଙ୍କ, ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମୋକଦ୍ଦମା ଗୁଡ଼ିକ ମଧ୍ୟରୁ ୧୩୬ ପ୍ରାକ୍ ମୋକଦ୍ଦମା ଏବଂ ୪୦୦୪ ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ହୋଇଥିଲା। ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୪୩ଲକ୍ଷ ୩୬ହଜାର ୯୬୦ ଏବଂ ବିଚାରାଧିନ ମାମଲା ବାବଦକୁ ୧କୋଟି ୨୨ଲକ୍ଷ ୯୨ହଜାର ୬୫୦ଟଙ୍କା ଆଦାୟ ହୋଇଥିଲା। ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ମହାନ୍ତି ଏବଂ ସଚିବ କମଳାକାନ୍ତ ରାଉତ ଏହାର ପରିଚାଳନା କରିଥିଲେ।

ପାରିବାରିକ ଅଦାଲତର ବିଚାରପତି ସଂଘମିତ୍ରା ଶର୍ମା, ଅତିରିକ୍ତ ଜିଲା ବିଚାରପତି ପ୍ରିୟରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା, ରେଜିଷ୍ଟ୍ରାର(ସିଭିଲ କୋର୍ଟ) ଦିଗବିଜୟ ଦାସ, ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେବାନୀ ବିଚାରପତି(ମହିଳା ଅଦାଲତ) ପ୍ରଜ୍ଞା ପୂଜାପ୍ରଦା, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦେବାନୀ ବିଚାରପତି ସୋନାଲୀ ମହାନ୍ତି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଏଲ୍‌ଆର୍ ଏଣ୍ଡ୍ ଏଲଟିଭି) ଚନ୍ଦନ ଦେହୁରୀ ବିଭିନ୍ନ ଅଦାଲତ ଗୁଡ଼ିକୁ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ, ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ, ଯୁବ ଆଇନଜୀବୀ, ପୋଲିସ ଅଧିକାରୀ, ଆଇନ ସେବା ପ୍ରାଧିକରଣ ଏବଂ ସିଭିଲ କୋର୍ଟର କର୍ମଚାରୀମାନେ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

# ୮୨ ବିଚାରାଧୀନ ମାମଲା ଫଇସଲା

**ବୌଦ୍ଧ/ହରଭଙ୍ଗା,୮।୩ (ଅଜିତ କୁମାର ବାରିକ/ନରେନ୍ଦ୍ର କୁମାର ସାହୁ )**

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ନ୍ୟାୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୮୨ଟି

**ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ**

ବିଚାରାଧୀନ ମାମଲାର ଫଇସଲା କରି ୫୮ଲକ୍ଷ ୨୩ହଜାର ୯୫୦ଟଙ୍କା ଆଦାୟ କରାଯାଇଥିଲା। ପରିବାର ଅଦାଲତ ବିଚାରପତି ଅଖିଳ କୁମାର ପଶ୍ଚିମକବାଟ, ଅତିରିକ୍ତ ଜିଲା ଦୌରାଜଜ୍ ସରୋଜିନୀ




ବୌଦ୍ଧ ଜିଲା ଦୌରା ଜଜ୍ ମାମଲା ଫଇସଲା କରୁଛନ୍ତି।

ପତି, ସିଜେଏମ୍ ନିରଞ୍ଜନ ପାତ୍ର, ସବ୍‌ଜଜ୍ ଶୀତିକଣ୍ଠ ପ୍ରଧାନ, ରେଜିଷ୍ଟ୍ରାର ଜୟ ପ୍ରକାଶ ନାଏକ, ଆଇନ ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର, ଏସ୍‌ଡିଜେଏମ୍ ସୁଶ୍ରୀ ସଙ୍ଗୀତା ଦାସ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ଶାଶ୍ୱତି ମିଶ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ସୁସ୍ମିତା ପ୍ରିୟଦର୍ଶନୀ ଯୋଗଦେଇ ମାମଲାଗୁଡିକ ଫଇସଲା କରିଥିଲେ।

ସେହିପରି ହରଭଙ୍ଗା ତାଲୁକ ଆଇନସେବା କମିଟି ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟି ଅଧକ୍ଷ ପ୍ରୀତିଶ କୁମାର ସାମଲଙ୍କ ଅଧକ୍ଷତାରେ ଆୟୋଜିତ ଲୋକ ଅଦାଲତରେ ମୋଟ ୨୦ଟି ଫୌଜଦାରି ମାମଲାର ଫଇସଲା ହୋଇଥିଲା।

# ଜମା ଟଙ୍କା ହଡ଼ପ ଅଭିଯୋଗ
# ପୂର୍ବତନ ସହ ସମ୍ପାଦକ କୋର୍ଟଚାଲାଣ

**ବୌଦ୍ଧ,୮।୩(ଅଜିତ କୁମାର ବାରିକ)**

ବୌଦ୍ଧ ବ୍ଲକ ବଢିଗାଁ ସମବାୟ ସମିତିର ଅବସରପ୍ରାପ୍ତ ସହକାରୀ ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଟଙ୍କା ସମିତିରେ ଜମା ନ କରି ହଡପ କରିଥିବା ଅଡିଟ୍ ରିପୋର୍ଟରେ ଜଣାପଡିବା ପରେ ତାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ବୌଦ୍ଧ ଥାନା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ ବଢିଗାଁ ସେବା ସମବାୟ ସମିତିର ମିନି ବ୍ୟାଙ୍କରେ ସହକାରୀ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଜମା କରୁଥିବା ଟଙ୍କାକୁ ବ୍ୟାଙ୍କରେ ଜମା ନ କରି ସେମାନଙ୍କୁ ରସିଦ ପ୍ରଦାନ କରିଥିଲେ। ପରେ ଉକ୍ତ ଟଙ୍କାକୁ ନିଜେ ହଡପ କରି ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମରେ ଋଣ ଦେଖାଇ ଦେଉଥିଲେ। ଏ ସମ୍ପର୍କରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଅଭିଯୋଗ ଆଧାରରେ ବିଭାଗୀୟ ଅଡିଟ କରାଯିବା ପରେ ପୂର୍ବତନ ସହ ସମ୍ପାଦକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ସଂଗୃହୀତ ୯ଲକ୍ଷ ୮୯ହଜାର ୫୬୫ ଟଙ୍କା ହଡପ କରିନେଇଥିବା ଜଣାପଡିଥିଲା। ଏହି ମାମଲାରେ ପୋଲିସ ପକ୍ଷରୁ ଏକ ମାମଲା (ନଂ.୧୩୦/୨୫) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା।

# କୋଲକାତାକୁ ହରାଇ ଓଡ଼ିଶା ବିଜୟୀ

**ବୌଦ୍ଧ,୮।୩(ଅଜିତ କୁମାର ବାରିକ)**

**ଡିଏସ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ମହିଳା ପ୍ରଦର୍ଶନୀ ମ୍ୟାଚ୍**

ବୌଦ୍ଧ ଜିଲା ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ଶନିବାର ସପ୍ତମ ଶନିବାର ଦିବସରେ ମହିଳା ଫୁଟବଲ ପ୍ରଦର୍ଶନୀ ଖେଳ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍ ଓଡିଶା ଓ କୋଲକାତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ ମୁଖ୍ୟଅତିଥି, ସରକାରୀ ଦଳର ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲାପାଳ ସୁବ୍ରତ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଁଏ ଗୋଲ୍ ଦେଇ ସମାନ ସ୍ଥିତିରେ ରହିଥିଲେ। ଶେଷରେ ଟାଇବ୍ରେକର ଜରିଆରେ ୫-୪ ଗୋଲ୍‌ରେ ଓଡ଼ିଶା ମହିଳା ଦଳ କୋଲକାତାକୁ ହରାଇ ବିଜୟୀ ହୋଇଥିଲା। ମୁଖ୍ୟ ରେଫ୍‌ରି ରାଉରକେଲାର ରୀନା ତିର୍କୀ ମ୍ୟାଚ୍ ପରିଚାଳନା କରିଥିବାବେଳେ ଲାଇନରେ ସୁନ୍ଦରଗଡର ବାଳମତୀ ଓରାମ ଓ ଭୁବନେଶ୍ୱରର ଆରତୀ ମହାନ୍ତି ସହାୟତା କରିଥିଲେ। ରବିବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଏମ୍‌ଇଜି ସେଣ୍ଟର ବାଙ୍ଗାଲୋର ଓ ଫାଓ କଟକ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ବିପ୍ଳବରେ ପରିଣତ ହୋଇଛି ସୁଭଦ୍ରା ଯୋଜନା: ସ୍ୱାସ୍ଥ୍ୟମନ୍ତ୍ରୀ

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ)**

ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଶନିବାର ଗଞ୍ଜାମ ଜିଲା ବ୍ରହ୍ମପୁର ସହର ଆମ୍ବପୁଆଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଛନ୍ତି। ଏଥିରେ ସେ ରାଜ୍ୟର ୧କୋଟି ୬୪ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରିଛନ୍ତି। ଏହି ଅବସରରେ ବରଗଡ଼ ସହରସ୍ଥିତ ନିଶାମଣି ସ୍କୁଲ ପଡ଼ିଆରେ ଜିଲା ପ୍ରଶାସନ ପକ୍ଷରୁ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ।

ମୁଖ୍ୟଅତିଥି ମହାଲିଙ୍ଗ କହିଥିଲେ, ସୁଭଦ୍ରା ଯୋଜନା ଆଜି ଏକ ବିପ୍ଳବରେ ପରିଣତ ହୋଇଛି। ସୁଭଦ୍ରା ଯୋଜନା କେବଳ ବର୍ଷକୁ ୨ଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। କିଶୋରୀମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ



ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମରେ ଭାଗ ନେଇଥିବା କଳାକାରଙ୍କୁ ପୁରସ୍କୃତ କରାଯାଉଛି।

ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଏବଂ ବିଶ୍ୱାସ ସଞ୍ଚାର କରିପାରିଛି ଏବଂ ସୁଭଦ୍ରା ସହାୟତା ଆଜି ୧କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ପାଖରେ ପହଞ୍ଚିଛି ବୋଲି ମହାଲିଙ୍ଗ କହିଥିଲେ।

ବରଗଡ଼ ଲୋକ ସଭା ସଦସ୍ୟ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗତ ୯ମାସ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବରଗଡ଼ ଜିଲାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ପ୍ରକାଶଥାଉ କି, ଶନିବାର ବରଗଡ଼ ଜିଲାର ମୋଟ୍ ୩ଲକ୍ଷ ୯୬ହଜାର ୩୧୭ଜଣ ଆବେଦନକାରୀଙ୍କ ମଧ୍ୟରୁ ୩ଲକ୍ଷ ୫୮ହଜାର ୪୨ଜଣଙ୍କ ପାଖକୁ ଦ୍ୱିତୀୟ କିସ୍ତି ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପହଞ୍ଚିଛି।

ଏହି ଅବସରରେ ଅନୁଷ୍ଠିତ ସମସ୍ତେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଦେଖିଥିଲେ। ସେହିପରି ଜିଲା ମହିଳା ଓ ଶିଶୁ ବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ସିଡିପିଓଭାବେ ପାଇକମାଳରୁ ବାସନ୍ତୀ ପୁର୍ତି, ଶ୍ରେଷ୍ଠ ସୁପରଭାଇଜର ଭାବେ ପାଇକମାଳରୁ ଗାୟତ୍ରୀ ଷଡ଼ଙ୍ଗୀ, ଅତାବିରାରୁ ଅନୁପମା ହେସ, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀଭାବେ ବରଗଡ଼ ସଦର ମହକୁମାର ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଗାଇସିଲେଟର ରୀନାରାଣୀ ପ୍ରଧାନ, ବରପାଲିର ଦିପାଞ୍ଜଳି ପ୍ରଧାନ, ଅମ୍ବାଭୋନାର କଲ୍ୟାଣୀ ସାହୁ, ଶ୍ରେଷ୍ଠ ହେଲପରଭାବେ ଝାରବନ୍ଧର ଚନ୍ଦ୍ରତୋଳା ନାୟକ, ଭେଡ଼େନର କମଳିନୀ ବେହେରା, ସୁବର୍ଣ୍ଣ ସେଠଙ୍କୁ ସମ୍ମାନିତ କରାଯାଇଥିଲା। ଶିଶୁ ବିବାହ ରୋକିବା ନିମନ୍ତେ ଲୋକଙ୍କୁ ସଚେତନ କରୁଥିବା ଝାରବନ୍ଧ ବ୍ଲକର ରାଖୀ ମେହେରଙ୍କୁ ସମ୍ମାନିତ କରାଯାଇଥିଲା।

ସେହିପରି ସୁଭଦ୍ରା ପ୍ରଥମ କିସ୍ତିର ବିନିଯୋଗ କରି ସଫଳ ହୋଇଥିବା ସୀମା ନାଗ, ସୁରେଶ୍ୱରୀ ନାଗ, ସୁମତି ଜାଲ ଏବଂ ଆହ୍ଲାଦିନୀ ବାଗଙ୍କୁ ସୁଭଦ୍ରା ସିମ୍ବଲିକ୍ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଡିଏସ୍‌ଡବ୍ଲୁଓ ସନ୍ଧ୍ୟାରାଣୀ ନେପାକ ମଞ୍ଚାସୀନ ଥିଲେ।

## ସଂକ୍ଷେପରେ

### ସିରିଜ୍ ଦୁର୍ଘଟଣା : ଜଣେ ମୃତ

**ଟେନସା,୮।୩(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ୫୨୦ ଜାତୀୟ ରାଜପଥ ରେଙ୍ଗାଲବେଢ଼ା ନିକଟରେ ଶନିବାର ସିରିଜ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ସ୍ଥଳରେ ଡ୍ରାଇଭର ଶିବୁ ମହାରଣା (୪୦)ଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତିଙ୍କ ଘର ହରିଚନ୍ଦନପୁର କେନ୍ଦୁଝର ବୋଲି ଜଣାପଡିଛି । ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣା ସ୍ଥଳରେ କୋଇଡା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଗାଡିଗୁଡିକୁ ଜବତ କରିଛି। ସୂଚନା ଅନୁସାରେ, ପ୍ରଥମେ ଏକ ଲୌହ ସାମଗ୍ରୀ ବୋଝେଇ ହାଇୱା ହଠାତ ୫୨୦ ଜାତୀୟ ରାଜପଥ ଉପରେ ଯାଉଥିବା ବେଳେ ବ୍ରେକ ମାରି ଠିଆ ହୋଇଯିବାରୁ ପଛ ପାର୍ଶ୍ୱରୁ ଆସୁଥିବା ଆଉ ଏକ ହାଇୱା ଜୋର୍‌ରେ ଧକ୍କା ଦେଇଥିଲା । ପଛ ପାର୍ଶ୍ୱରୁ ଧକ୍କା ଦେଇଥିବା ଗାଡ଼ିର ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ହାଇୱା ଭାରସାମ୍ୟ ହରାଇ ଆଉ ଗୋଟିଏ ଟ୍ରକକୁ ଧକ୍କା ଦେଇଥିଲା । ଫଳରେ ୨ ଗାଡ଼ିର ୨ ଚାଳକ ଗୁରୁତର ଆହତ ହୋଇଥିବା ପୋଲିସ ସୂଚନା ଦେଇଛି।

### ୪ ଜୁଆଡ଼ି କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୮।୩(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତେଲିପୋସ ଜଙ୍ଗଲରେ ଶୁକ୍ରବାର ରାତିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଫାଣ୍ଡି ପୋଲିସ ଚଢ଼ାଉ କରି ୪ ଜୁଆଡୀଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୨୨ ହଜାର ଟଙ୍କା,୩ ମୋବାଇଲ, ୪ ମୁଠା ତାସ ସହ ୪ଟି ବାଇକ ଜବତ କରିଛି। ଏଥିସହ ଏକ ମାମଲା ରୁଜୁ କରି ଫାଣ୍ଡି ପୋଲିସ ଶନିବାର ୪ ଜଣ ଜୁଆଡୀଙ୍କୁ କୋର୍ଟ ଚାଲାଣ କରିଛି। ସମସ୍ତ ଜୁଆଡୀ କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳର ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି।

### ଷ୍ଟିଲ ଗରାରେ ପଶିଲା ୪ ବର୍ଷର ଶିଶୁର ମୁଣ୍ଡ

**ଦୀର୍ଘ ଘଣ୍ଟା ପରିଶ୍ରମ ପରେ ବାହାରିଲା**

**ବଣାଇଁ, ୮।୩(ପ୍ରଦୀପ ତ୍ରିପାଠୀ):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ଜାଙ୍ଗଲା ଗ୍ରାମରେ ଜଣେ ୪ ବର୍ଷର ଶିଶୁପୁତ୍ର ଖେଳୁଥିବା ସମୟରେ ମୁଣ୍ଡରେ ଷ୍ଟିଲ ଗରା ପଶି ଯାଇଥିଲା। ଘର ଲୋକ ଚେଷ୍ଟା କରି ବିଫଳ ହେବା ପରେ ରାତିରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଦୀର୍ଘ ସମୟ ଧରି ଡାକ୍ତର ଚେଷ୍ଟା କରି ଶେଷରେ ଗରା ଟିକୁ ଶିଶୁ ମୁଣ୍ଡରୁ ବାହାର କରିଥିଲେ। ଜାଙ୍ଗଲା ଗ୍ରାମର ବାବୁଲି ମୁଣ୍ଡା ଓ ସାବିନା ମୁଣ୍ଡାଙ୍କର ୪ବର୍ଷର ଶିଶୁ ପୁତ୍ର ଶୁଭମ ଘରେ ଷ୍ଟିଲଗରା ସହିତ ଖେଳୁ ଥିବା ସମୟରେ ମୁଣ୍ଡରେ ପଶି ଯାଇଥିଲା। କେତେଜଣ ଯୁବ ଚିକିତ୍ସକ ଯଥା ଡାକ୍ତର ପ୍ରଭାତ ରଞ୍ଜନ ସିଂ, ଷ୍ଟାଫ ଆକାଶ ରାୟ, ବୀରେନ୍ଦ୍ର ନାଏକ କଇଁଚି ଓ କଟର ସାହାଯ୍ୟରେ ଗରା କାଟି ଶିଶୁକୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ଶିଶୁ ଚିକିତ୍ସାଳୟରେ ଥିଲେ ହେଁ ସେ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି।

### ଜଙ୍ଘା ବଡ଼ଦେଓଙ୍କ ପୂଜା

**ହେମଗିର,୮।୩(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ କାଠଫାଲି ଓ ପରମାନନ୍ଦପୁରଠାରେ ଜଙ୍ଘା ବଡଦେଓଙ୍କ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଲା,କୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଡୁରୁବଗା ସରପଞ୍ଚ ଉପେନ୍ଦ୍ର ମଲ୍ଲିକ,ସୁଦନ ନାଏକ,ତେଜରାମ ନାଏକ,ଦୁକାଲୁ ନାଏକ, ଧନେଶ୍ୱର ନାଏକ,କଙ୍ଗାଲୁ ମାଝି, ସନ୍ୟାସୀ ଭୋଇ, ସୁରେଶ ବାଗ, ସୁଦାମ ମାଝି, ଟିକେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୀବନ୍ଧନ ନାଏକ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମହିଳା ଉନ୍ନତିର ସୂତ୍ରଧର, ସମୃଦ୍ଧିର ପ୍ରେରଣା



ସୁନ୍ଦରଗଡ଼ରେ ସେବକର ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ମହିଳା ଦିବସ।



କୁଆଁରମୁଣ୍ଡାରେ ମହିଳା ଦିବସ।



ଲହୁଣିପଡ଼ାରେ ମହିଳା ଦିବସ।



କୁତ୍ରାରେ ମହିଳା ଦିବସ।

**ଅନ୍ତର୍ଜାତୀୟ ମହିଳା ଦିବସ**

**ସୁନ୍ଦରଗଡ,୮।୩(ଜୟ ନାରାୟଣ ମେଣ୍ଟୁଲି)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ, ରଙ୍ଗିଆମୁଣ୍ଡା ତରଫରୁ ସେବକର ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ଶନିବାର ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ଆନ୍ତର୍ଜାତୀୟ ମହିଳା ଦିବସର ଥିମ ବା ମୁଖ୍ୟ ଧାରଣା "ଏକ୍ସେଲେରେଟ ଆକ୍ସନ"। ଯାହା ସମାଜରେ ମହିଳାଙ୍କ ଅଧିକାର ଓ ସମାନତା ଦିଗରେ ଦ୍ରୁତ ପଦକ୍ଷେପ ଗ୍ରହଣ କରିବାର ଗୁରୁତ୍ୱ ଉପରେ ଜୋର ଦେଇଥାଏ। ପ୍ରାରମ୍ଭିକ ଅଧିବେଶନରେ ସେବକର ବରିଷ୍ଠ ମହିଳା କର୍ମୀ ସଞ୍ଜୁ ପଟେଲ ସଭା ପରିଚାଳନା କରି ମହିଳା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଯୋଗଦାନ କରି ବରିଷ୍ଠ ଆଇନଜୀବୀ ଓ ସାମାଜିକ କର୍ମୀ ସ୍ନେହଲତା ପଟେଲ ମହିଳାଙ୍କ ଅବସ୍ଥିତି ସୃଷ୍ଟି ସୃଜନର ମୂଳଦୁଆ ବୋଲି କହିବା ସହ ମହିଳାଙ୍କ ବିରୋଧରେ ହୋଇଥିବା ହିଂସାକୁ ସମାପ୍ତ କରିବା, ଲିଙ୍ଗ ଆଧାରିତ ଭେଦଭାବକୁ ଦୂର କରିବା ଓ ବିଶ୍ୱ ସ୍ତରରେ ମହିଳାଙ୍କର ନେତୃତ୍ୱ କ୍ଷମତାକୁ ଉନ୍ନତ କରିବା ନିମନ୍ତେ ସମସ୍ତେ ବଦ୍ଧ ପରିକର ହେବା ବୋଲି କହିଥିଲେ। ଆଜିର ନାରୀ ପୁରୁଷ ସହ କାନ୍ଧରେ କାନ୍ଧ ମିଶାଇ ଶିକ୍ଷା, ସ୍ୱାସ୍ଥ୍ୟ, ଜ୍ଞାନ, ବିଜ୍ଞାନ ତଥା ବିବିଧ କ୍ଷେତ୍ରରେ ଆଗେଇବା ସଙ୍ଗେ ସଙ୍ଗେ ସଂସ୍କୃତି ଓ ପରମ୍ପରାର ରକ୍ଷା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦାନ କରି ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମହିଳା ହେଉଛି ସମାଜର ଉନ୍ନତିର ସୂତ୍ରଧାର ତଥା ସମୃଦ୍ଧିର ପ୍ରେରଣା, ତେଣୁ ମହିଳା ସଶକ୍ତିକରଣ କେବଳ ଅଧିକାର ଦେବାର ନାମ ନୁହେଁ, ବରଂ ସମାଜର ପ୍ରତିଟି ବର୍ଗ ସହ ତାଙ୍କର ସମାନତା ସୁନିଶ୍ଚିତ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଆଜିର ଏହି ସମାଜରେ ମହିଳାଙ୍କ ଅଧିକାରକୁ ସୁନିଶ୍ଚିତ କରାଇବା ପାଇଁ ସେବକ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସୁଶ୍ରୀ କୁନ୍ତୀ ପ୍ରଧାନ କହିଥିଲେ। ସେବକର ବିତ୍ତ ପରିଚାଳକ ତଥା ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶକ ନିଳାମ୍ବର ଉପାଧ୍ୟାୟ ସେବକରେ ମହିଳାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି, ଏଥି ନିମନ୍ତେ ସେବକ ଶତକଡା ୭୦ଭାଗରୁ ଉର୍ଦ୍ଧ୍ୱ ମହିଳା କର୍ମକର୍ତ୍ତାଙ୍କୁ ନେଇ କାର୍ଯ୍ୟ କରୁଛି ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ସେବକର ବୃହତ ଉଠା ଜଳସେଚନ ଅଞ୍ଚଳରେ ଫସଲ ବିବିଧକରଣ ଯୋଜନା ପ୍ରକଳ୍ପ ତରଫରୁ ଏକ ବ୍ଲକ ସ୍ତରୀୟ ରୋଷେଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ୬ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଛତୁ ପକୋଡା, ମାଣ୍ଡିଆ ପିଠା, ମାଣ୍ଡିଆ ଆରିସା, ନଡିଆ କୋରା, ମାଣ୍ଡିଆ ରୋଜ କେକ, ମାଣ୍ଡିଆ ଶଙ୍ଖ ଓ ଖଜୁରୀ ପିଠା ଭଳି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିବା ବେଳେ, ଫୁଲଧୂଡିର ଶିବାନୀ ଏସଏଚଜି ପ୍ରଥମ, ଲିମ ଗଜବାହିନୀ ଏସଏଚଜି ଦ୍ୱିତୀୟ ତଥା ଅବନକେଲାର ଜଗଦ୍ଧାତ୍ରୀ ଏସଏଚଜି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାପରେ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟଙ୍କ ନେତୃତ୍ୱରେ ଏକ ଶିକ୍ଷଣୀୟ ପ୍ରଶ୍ନୋତ୍ତରୀ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା ତଥା ଶ୍ରେଷ୍ଠ ୨୦ ଜଣ ମହିଳା କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ଆୟୋଜିତ ହୋଇଥିଲା। ଶେଷରେ ହରିପ୍ରିୟା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ଲହୁଣୀପଡା (ଦାଶରଥି ପଣ୍ଡା):** ଲହୁଣୀପଡା ବ୍ଲକ ରାଜାମୁଣ୍ଡା ଭାରତୀୟ ଜନତା ପାର୍ଟି, ଲହୁଣୀପଡା ମଣ୍ଡଳ ପକ୍ଷରୁ ଭାଜପା କାର୍ଯ୍ୟାଳୟରେ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମଙ୍କ ତତ୍ତ୍ୱାବଧାନ ତଥା ମହିଳା ନେତ୍ରୀ ଜୟନ୍ତୀ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଏହା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲହୁଣୀପଡା ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟ ପରିଷଦ ସଭ୍ୟ ବାସୁଦେବ ସାହୁ,ବରିଷ୍ଠ କାର୍ଯ୍ୟକର୍ତ୍ତା ଲୁଥାର ଓରାମ, ହେମନ୍ତ କୁମାର ସାହୁ, ଅଭିରାମ ମହାକୁଳ, ଦିବ୍ୟ ମଞ୍ଜରୀ ଶେଖର ଦେଓ ପ୍ରମୁଖ ପୁରସ୍କୃତ କରିଥିଲେ।

**କୁତ୍ରା,(ଦେବାଶିଷ ସାହୁ):** କୁତ୍ରା ବ୍ଲକ କଟଙ୍ଗ ପଞ୍ଚାୟତ ପକ୍ଷରୁ ସରପଞ୍ଚ ପୁଷ୍ପା କେର୍କେଟାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଏବିଡିଓ ଲିଲି ସଞ୍ଜିତା ମିଞ୍ଜ, ଲାଞ୍ଜିବେର୍ଣ୍ଣସ୍ଥିତ ଜଗନ୍ନାଥ ଷ୍ଟୋନ ପକ୍ଷରୁ ରାହୁଲ ମିତ୍ତଲ, ପୂର୍ବତନ ଜିପିଓ ନଗେନ୍ଦ୍ର ଦାସ, ଏମ୍‌ବିକେ ମନମୈତ ଧନୁଆର, ସମିତିସଭ୍ୟ ସୁନିତି ଧନୁଆର ପ୍ରମୁଖ ଯୋଗଦେଇ ମହିଳା ସଶକ୍ତୀକରଣ ବିଷୟରେ ଆଲୋକପାତ କରିଥିଲେ। ପରେ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତୀର୍ଣ୍ଣ ମହିଳାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

**ହେମଗିର,(ଚୈତନ୍ୟ ପଟେଲ):** ହେମଗିର ବ୍ଲକ ସାନଘୁମୁଡା ପଞ୍ଚାୟତ କିରିପସିରା ଗ୍ରାମଠାରେ ସରପଞ୍ଚ ରେବତୀ ଛତ୍ରିଆଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ହେମଗିର ବିଡିଓ ରିନା ନାଏକ, ସମ୍ମାନିତ ଅତିଥି ଓମ୍‌ଶାନ୍ତିର କିରଣ ଭଉଣୀ, ମହିଳା ସଂଗ୍ରାମୀ ସମିତିର ରିନା ବେହେରା, ଏବିଡିଓ ଜିତେନ୍ଦ୍ରୀୟ ମୁଣ୍ଡା, କନିକା ସରପଞ୍ଚ ସାନ୍ତ ଧୂଆ, କନିକା ସମିତି ସଭ୍ୟ ଡିସେମ୍ବର ବାଗ, କବିତା ସା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ମୀନତି ଅଡା ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତୁଷାରକାନ୍ତ ହାତୀ, ଏସ୍‌ଏଚ୍‌ଜି କର୍ମୀ ଓ ଗ୍ରାମର ମହିଳାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।

**କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ବ୍ଲକ ପୁଟ୍ରିଖମଣ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜେନ୍ଦ୍ର କୁଜୁର ଯୋଗଦେଇଥିଲେ। ମହିଳା ପାଠ ପଢି ଶିକ୍ଷିତ ହେବା ସହ ସଚେତନ ହେଲେ ଆଦିବାସୀ ଅଧୁଷିତ ଏହି ଅଞ୍ଚଳରେ ଘଟୁଥିବା ଅପରାଧିକ କାର୍ଯ୍ୟକଳାପ, ଅନ୍ଧ ବିଶ୍ୱାସ, କୁସଂସ୍କାର ଦୂର ହେବା ସହ ସମାଜର ପ୍ରଗତି ହୋଇପାରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ପୁଟ୍ରିଖମଣ ସରପଞ୍ଚ ନରେଶ ସୁରିନ, ସମିତି ସଭ୍ୟ ଆଶିଷ ଟପ୍ପୋ, ଯୁବ ନେତା ଦିଲ୍ଲୀପ ଲେହେରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍କଳ ଆଞ୍ଚଳିକ ମହିଳା ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ,ମହିଳା ଅଧିକାର ଓ ସ୍ୱାସ୍ଥ୍ୟ ଶିବିର ଆଦି ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

**ବନ୍ଧମୁଣ୍ଡା(ସୁବ୍ରତ ଦେ)** ବନ୍ଧମୁଣ୍ଡା ଜଗନ୍ନାଥ ମନ୍ଦିର କମିଟିର ମହିଳା ସଦସ୍ୟମାନେ ବି–ସେକ୍ଟର ସ୍ଥିତ ରେଳବାଇ କମ୍ୟୁନିଟି ହଲରେ ମହିଳା ଦିବସ ପାଳନ କରିଛନ୍ତି। ମୁଖ୍ୟ ଅତିଥିଭାବେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ,ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲର ସିଏମଏସ ଡକ୍ଟର ବିଜୟ ଲକ୍ଷ୍ମୀ ନରେଶ ସିଂହ, ଚିଫ ମେଟ୍ରନ ସ୍ନେହ ଲତା ପଣ୍ଡା, ଆଡଭୋକେଟ ସ୍ୱାଗତିକା ପଟ୍ଟନାୟକ, ଶିକ୍ଷୟିତ୍ରୀ ବି ଲାବଣ୍ୟ, ସମାଜସେବୀ ଅମ୍ରିତା କୌର, ସବ ଇନ୍ସପେକ୍ଟର ପ୍ରଭାବତୀ ମଞ୍ଜରୀ ସାହୁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆୟୋଜକ କମିଟି ଦ୍ୱାରା ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାର କ୍ରୀଡା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଜିଲା ସ୍ତରୀୟ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୮।୩(ଜୟ ନାରାୟଣ ମେଣ୍ଟୁଲି)**



ମୁଖ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶନିବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜିଲା ସ୍ତରୀୟ ସୁଭଦ୍ରା ଯୋଜନା ଅନ୍ତର୍ଗତ ଦ୍ୱିତୀୟ କିସ୍ତି ପ୍ରଦାନ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ବିଶାଳ ସମାବେଶରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝୀ, ପୂର୍ବତନ ବିଧାୟିକା କୁସୁମ ଟେଟେ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଆଭାସୀ ମାଧ୍ୟମରେ ଏହି ଜିଲା ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଅଭିନନ୍ଦନ ଜଣାଇବା ସହିତ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ ଉତ୍ସବର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ କିଷ୍ଣା କୁମାରୀ ନନ୍ଦ, ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ, ସମସ୍ତ ସିଡିପିଓ, ଅଙ୍ଗନୱାଡ଼ି କର୍ମୀ ଏବଂ ବହୁ ସଂଖ୍ୟାରେ ସୁଭଦ୍ରା ହିତାଧିକାରୀମାନେ ଯୋଗଦାନ କରିଥିଲେ। ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

## ବନ୍ଧମୁଣ୍ଡା ପୋଲିସ ପକ୍ଷରୁ ସଚେତନତା ଶିବିର

**ବନ୍ଧମୁଣ୍ଡା,୮।୩(ସୁବ୍ରତ ଦେ)**

ନୂତନ ଆପରାଧିକ ଆଇନ ଉପରେ ବନ୍ଧମୁଣ୍ଡା ପୋଲିସ ପକ୍ଷରୁ କପାଟମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସଦରେ ପାରିତ ଭାରତୀୟ ଦଣ୍ଡ ସଂହିତା, ନାଗରିକ ସଂହିତା ଓ ସାକ୍ଷ୍ୟ ବିଧି ଆଇନ ଲାଗୁ ହେବା ପରିପ୍ରେକ୍ଷୀରେ ବନ୍ଧମୁଣ୍ଡା ଥାନା ପୋଲିସ ପକ୍ଷରୁ ଏକ ସଚେତନତା ଶିବିର ସ୍ଥାନୀୟ ସଚେତନ ନାଗରିକ, ପଞ୍ଚାୟତ ସଦସ୍ୟ, ଖବରଦାତା ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ଖମାରୀ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥିଭାବେ କପାଟମୁଣ୍ଡା ସରପଞ୍ଚ ମୋତିଲାଲ ଲାକଡ଼ା,ପଞ୍ଚାୟତ ଅଧିକାରୀ ପ୍ରଦୀପ କୁମାର ସାହୁ, ସବ୍‌ଇନ୍ସପେକ୍ଟର ସୌମ୍ୟରଞ୍ଜନ ଗିରି, ସମିତି ସଦସ୍ୟ ସୁଷମା ଓରାମ, ସୁଜିତ ଲାକଡ଼ା ଅତିଥିଭାବେ ଯୋଗଦେଇ ନୂତନ ଆଇନର ଉପଯୋଗିତା ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ବ୍ରିଟିଶ ଅମଳରୁ ବଳବତ୍ତର ଥିବା ଏହି ଆଇନ ସାମ୍ପ୍ରତିକ, ସାମାଜିକ ସମସ୍ୟା ପରିପ୍ରେକ୍ଷୀରେ କ୍ରମବର୍ଦ୍ଧିଷ୍ଣୁ ଅପରାଧର ନିରାକରଣ ପାଇଁ ସହାୟକ ହେବ ବୋଲି ମତାମତ ପ୍ରକାଶ ପାଇଥିବା ବେଳେ ମାନବିକ ଅଧିକାର ତଥା ନାଗରିକଙ୍କ ଅଧିକାରର ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନ ଉଠାଯାଇଥିଲା। ପ୍ରମୁଖ ଗ୍ରାମବାସୀ ବିଭିନ୍ନ ଆଇନ ସମସ୍ୟା ଉପରେ ଥାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଥାନାର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସବ୍‌ଇନ୍ସପେକ୍ଟର ସୌମ୍ୟରଞ୍ଜନ ଗିରି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ସୁଖମନି ମାହାଲି, ସାଗ୍ରେନ ଲାକଡ଼ା,ଲଳିତା ହାନ୍ସ, ଅନିତା ଖେଶ, ଚାକ୍ରସ ଖେଶ ଉପସ୍ଥିତ ଥିଲେ।

## ବଡ଼ଗାଁ ହାଇସ୍କୁଲରେ କ୍ରୀଡ଼ା ଦିବସ

**ବଡ଼ଗାଁ,୮।୩(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ହାଇସ୍କୁଲ ପରିସରରେ ଶୁକ୍ରବାର କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ସହ କ୍ରୀଡ଼ାର ଆବଶ୍ୟକତା ଉପରେ ବୁଝାଇଥିଲେ। ମୁଖ୍ୟ ବକ୍ତା ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବା, ପାଠ ଓ ଖେଳକୁଦରେ ମନଯୋଗ ଦେବାକୁ ପରାମର୍ଶ ଦେଇଥିଲେ। ପଞ୍ଚସଖା ସେତୁ କମିଟିର ସଦସ୍ୟ ଛବିଳ ସେଠ, ଉପାଧ୍ୟାୟ ପାଣିଗ୍ରାହୀ, ଅଚ୍ୟୁତ କୁମାର ସାହୁ ସମ୍ମାନିତ ଅତିଥିଭାବେ ଅଂଶଗ୍ରହଣ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଅଦ୍ୱୈତ କୁମାର ନାୟକ, ଉପସଭାପତି ଜିତାରାଣୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରା କ୍ରୀଡ଼ା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କ'ଣ ରହିଛି ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଜନସନ ଖାଖା ସଭା ପରିଚାଳନା କରିଥିଲାବେଳେ ଶାରୀରିକ ଶିକ୍ଷକ ପ୍ରଭାତ ଦ୍ୱାରୀ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

## ସମବାୟ ବର୍ଷ ପାଳନ ସଚେତନତା ପଦଯାତ୍ରା

**ସୁନ୍ଦରଗଡ,୮।୩(ଜୟ ନାରାୟଣ ମେଣ୍ଟୁଲି)**



ପଦଯାତ୍ରାରେ ସାମିଲ ହୋଇଥିବା ଲୋକମାନେ।

ଆନ୍ତର୍ଜାତିକ ମହିଳା ଦିବସ ତଥା ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଶନିବାର ଜିଲ୍ଲା ସମବାୟ ବିଭାଗ ଆନୁକୂଲ୍ୟରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସମବାୟ ସୁଦୃଢ଼ୀକରଣରେ ମହିଳାଙ୍କ ଅବଦାନ ଶୀର୍ଷକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ ଏବଂ ପୌରାଧ୍ୟକ୍ଷା ତନୟା ମିଶ୍ର ଅତିଥିଭାବେ ଯୋଗଦେଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ ସହ ସଂଶ୍ଳିଷ୍ଟ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଏଆରସିଏସ, ଜିଲ୍ଲାର ବିଭିନ୍ନ ଅଧିକାରୀ, ଅନ୍ୟ କର୍ମଚାରୀ ତଥା ସମବାୟପ୍ରେମୀ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସମବାୟ ବିଭାଗର ଜିଲ୍ଲା ମୁଖ୍ୟ ଡିଆରସିଏସ ଉମାଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ପରେ ଆୟୋଜିତ ସଭାରେ ମହିଳା ସଶକ୍ତିକରଣ ଉପରେ ଆଲୋଚନା ହୋଇଥିଲା ଏବଂ ସମବାୟ ଆନ୍ଦୋଳନରେ ମହିଳାଙ୍କ ଉଲ୍ଲେଖନୀୟ ଉପସ୍ଥିତିକୁ ପ୍ରଶଂସା କରାଯାଇଥିଲା। ପାଲା ମାଧ୍ୟମରେ ସମବାୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ ମହିଳା ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ସଚେତନତା ଶିବିର

**କୁତ୍ରା, ୮।୩(ଦେବାଶିଷ ସାହୁ)**

କୁତ୍ରା ଥାନା ପରିସରରେ ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ଅଧ୍ୟକ୍ଷତାରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏସଡିପିଓ ବିଭୂତି ଭୂଷଣ ଭୋଇ, ସବ ଇନ୍ସପେକ୍ଟର ଆଶୁତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିବର୍ତ୍ତିତ ଆଇନ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଦ୍ରୁତ ଆଇନ ସେବା ଯୋଗାଇ ଦେବା ସାଙ୍ଗକୁ ଆଇନଗତ ଅଧିକାରକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦିରେ କେତେକ ପରିବର୍ତ୍ତନ ଅଣାଯାଇଛି। ଏହି ନୂତନ ଆଇନ ପ୍ରଣୟନ ଦ୍ୱାରା ସାଧାରଣ ଜନତା ପୂର୍ବବର୍ତ୍ତୀ ଆଇନ ବ୍ୟବସ୍ଥା ପରିବର୍ତ୍ତେ ଦ୍ରୁତ ଆଇନ ସେବା ପାଇବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା, ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ନୂତନ ଆଇନ ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ।

## ବିଧାୟକ ପ୍ରତିନିଧି ଗିରଫ

**ଡକାୟତି ମାମଲା**

**ସୁନ୍ଦରଗଡ,୮।୩(ଜୟ ନାରାୟଣ ମେଣ୍ଟୁଲି)**

ହେମଗିରି ଥାନା ଅନ୍ତର୍ଗତ କାଲୋବାହାଲ ଛକ ନିକଟରେ ଏକ କୋଇଲା ବୋଝେଇ ଟ୍ରକ ଡ୍ରାଇଭରଙ୍କୁ ମାରପିଟ ସହ ଟଙ୍କା ଓ ମୋବାଇଲ ଫୋନ ଲୁଟ ଘଟଣାରେ ପୋଲିସ ବିଧାୟକ ଯୋଗେଶ ସିଂହଙ୍କ ପ୍ରତିନିଧିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତହେଲେ ଜୟନ୍ତ ମାଝୀ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ମୁତାବକ, ଗୁରୁବାର ରାତିରେ ୬ ରୁ ୭ ଜଣ ଯୁବକ ଅଳାବାହାଲ ଛକରେ ସେହି ରାସ୍ତା ଦେଇ ଯାଉଥିବା ଓଡି୧୬–ଜି୪୦୬୮ନମ୍ବର ବିଶିଷ୍ଟ ଟ୍ରକକୁ ଅଟକାଇ ଡ୍ରାଇଭର ସୁରେନ୍ଦ୍ର କୁମାରଙ୍କୁ ବିନା କାରଣରେ ମାଡମାରି ଗୁରୁତର କରିବାସହ ୨୩୦୦ ଟଙ୍କା ଓ ଏକ ମୋବାଇଲ ଲୁଟ କରି ନେଇଯାଇଥିଲେ। ଏ ନେଇ ହେମଗିରି ଥାନାରେ ଟ୍ରକ ଡ୍ରାଇଭର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

**ଆର୍‌ଏସ୍‌ପିରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

## ୯ ମହିଳାଙ୍କୁ ତେଜସ୍ୱିନୀ ପୁରସ୍କାର

**ରାଉରକେଲା,୮।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ରାଉରକେଲା ସିଭିକ ସେଣ୍ଟରଠାରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି, ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟିକା ସୁଶ୍ରୀ ସୁଭଦ୍ରା ପ୍ରଧାନ, ଓଡିଶା ସରକାରଙ୍କ ଷ୍ଟାର୍ଟଅପ୍ ଟାସ୍କଫୋର୍ସର ସଦସ୍ୟା ତଥା ଲୁମିନାସ ଇନଫୋୱେଜ୍‌ର ସହ ପ୍ରତିଷ୍ଠାତା ସୁଶ୍ରୀ ଜୟଶ୍ରୀ ମହାନ୍ତି ଏବଂ ଶାସ୍ତ୍ରୀୟ ଗାୟିକା ସ୍ମିତି ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ସାନ୍ଧ୍ୟ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲ ଚୌଧୁରୀ, ସିଆଇଏସ୍‌ଏଫ୍‌ର ଡିଆଇଜି ରତନ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ, ଡିଏମ୍‌ଏସ୍‌ର ଉପାଧ୍ୟକ୍ଷା ରୀତାରାଣୀ ଏବଂ ନବନୀତା ପାଲ ଚୌଧୁରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସିଜିଏମ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ ମହିଳା ପୁରୁଷ କର୍ମଚାରୀ ଉପସ୍ଥିତ ରହିଥିଲେ। ସୁଭଦ୍ରା ପ୍ରଧାନ, ସ୍ମିତି ମିଶ୍ର ଏବଂ ରୋଟାରିୟନ ଜୟଶ୍ରୀ ମହାନ୍ତିଙ୍କ ସମେତ ସମସ୍ତ ଅତିଥି ବକ୍ତା ସେମାନଙ୍କ ଅଭିଜ୍ଞତା, ସଂଘର୍ଷ ଏବଂ ଆହ୍ୱାନଗୁଡିକ ଉପସ୍ଥାପନ କରିଥିଲେ। ଏହାପରେ ୨ଟି ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ଆଲୋକ ବର୍ମା ୯ଜଣ ମହିଳାଙ୍କୁ ତେଜସ୍ୱିନୀ ପୁରସ୍କାର ପ୍ରଦାନ କରିଥିଲେ। ଏହାପୂର୍ବରୁ ପିପିସସିର ସିଜିଏମ ଏବଂ କମିଟି ଅଧ୍ୟକ୍ଷା ସୁଶ୍ରୀ ସୁନୀତା ସିଂହ ତାଙ୍କ ସ୍ୱାଗତ ଅଭିଭାଷଣରେ ମହିଳା ଦିବସର ମହତ୍ତ୍ୱ ଏବଂ ଲିଙ୍ଗଗତ ସମାନତା ଦିଗରେ ନିରନ୍ତର ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ଆରଏସପି ଲୋକସମ୍ପର୍କ ବିଭାଗ ପକ୍ଷରୁ ନିର୍ମିତ ଏକ ସ୍ୱତନ୍ତ୍ର ଡକୁମେଣ୍ଟାରୀ, ଅତିଥିମାନଙ୍କ ଜୀବନୀ ଓ ସଫଳତା ଉପରେ ଆଧାରିତ ଫିଲ୍ମ ପ୍ରଦର୍ଶିତ ହୋଇଥିଲା।




ମହିଳା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

## ଜଙ୍ଗଲ ପୋଡ଼ିବା ଅଭିଯୋଗ, ମୁନସୀ ଗିରଫ

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ): ଜମନକିରା ବ୍ଲକ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଭୋଜପୁର ବନାଞ୍ଚଳ ପ୍ରଭାଶୁଣୀ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇ ପୋଡିବା ଅଭିଯୋଗ ହୋଇଛି। ଏହି ଘଟଣାରେ କୁଚିଣ୍ଡା ଥାନା ଅନ୍ତର୍ଗତ ସିରିଡ ପଞ୍ଚାୟତର ଅଜିତ କୁମାର ମିଞ୍ଜ (୫୧)ଙ୍କୁ ବନ ବିଭାଗ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଜମନକିରା ରେଞ୍ଜରେ ଏକ ମାମଲା(ନ. ୧୫୭/୨୫)ରୁଜୁ ହୋଇଥିବା ରେଞ୍ଜର ଲକ୍ଷ୍ମୀ ନାରାୟଣ ନାଏକ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସିରିଡ କେନ୍ଦୁଲିଫ ଫଡିରେ ମୁନସୀଭାବେ କାର୍ଯ୍ୟ କରନ୍ତି।

**ସଂକ୍ଷେପରେ**

## ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିଙ୍କୁ ଚପଲମାଡ଼ ଅଭିଯୋଗ

ବ୍ରଜରାଜନଗର,୮।୩ (ବିଜୟ ବରାଡ଼)

ବ୍ରଜରାଜନଗର ସହରାଞ୍ଚଳର ବିଜୁ ପଟ୍ଟନାୟକ ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ଚପଲ ମାରିବା ସହ ତାଙ୍କ ମାଳକୁ ଛିଣ୍ଡାଇ ଫୋପାଡି ଦିଆଯାଇଛି। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବାକୁ ଚେଷ୍ଟା କରାଯାଇଥିବା ଘଟଣା ନେଇ ଶନିବାର ବିଜେଡିର ନଗର ସଭାପତି ରାଧାକାନ୍ତ ପ୍ରଧାନ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଛନ୍ତି। ଗତ ଦୁଇଦିନ ଧରି ବିଜେଡିର କର୍ମୀମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ତଳେ ବିଜୁ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ଧାରଣ ଦେଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକ ଆସି ବିଜୁବାବୁଙ୍କୁ ଗାଳି କରିବା ସହିତ ତାଙ୍କୁ ଚପଲରେମାରି ବେକରେ ପଡିଥିବା ମାଳକୁ ଛିଣ୍ଡାଇ ଦେଇଥିଲେ। ଏଥିସହିତ ମୂର୍ତ୍ତୀକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ପାଖରେ ଥିବା କେତେଜଣ ଯୁବକ ତାକୁ ବାରଣ କରିଥିଲେ। କିନ୍ତୁ ଉକ୍ତ ଯୁବକ ଜଣକ ସେମାନଙ୍କୁ ଗାଳି ସେ ଜାଗା ଛାଡ଼ି ଚାଲିଯାଇଥିଲେ। ଖବର ପାଇ ବିଜେଡିର କର୍ମୀମାନେ ପହଞ୍ଚି ଦେଖିବା ସହିତ ଥାନାକୁ ଜଣାଇଥିଲେ। ବ୍ରଜରାଜନଗରକୁ ଅଶାନ୍ତ କରିବାକୁ ଚେଷ୍ଟା କରିଥିବା ବ୍ୟକ୍ତିକୁ ଖୋଜି ବାହାର କରିବାକୁ ବିଜେଡି ତରଫରୁ ଅଭିଯୋଗ କରାଯାଇଛି ।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

କୋଲାବିରା,୮।୩(ଚିନ୍ମୟ କୁମାର ବହିଦାର)

କୋଲାବିରା ଥାନା ଗାଞ୍ଜେଇମାଲ ଗ୍ରାମରେ ଗତ ମଙ୍ଗଳବାର ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଉକ୍ତ ଗ୍ରାମର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଥାନରେ ଅଭିଯୋଗ ହୋଇଛି। ମୃତକ ହେଲେ ବିବ୍ରତ୍ ବାଗ୍(୧୯)। ଗାଂଜେରମାଲ ଗ୍ରାମର ଏକ ଟ୍ରକ୍ଟର ଯୋଗେ ଚାଳକ ବଳଦେବ ପଧାନଙ୍କ ସହିତ ନରୁ ମାଝୀ, ସୁମନ୍ତ ଛତ୍ରିଆ, ମଣ୍ଟୁ ଲୁହା ଓ ବିବ୍ରତ ଭଡେନ ନଦୀରୁ ବାଲି ଲୋଡ କରିବାକୁ ଯାଇଥିଲେ। ସେଠାରେ ବାଲି ଲୋଡ଼୍ କରି ଫେରୁଥିବା ବେଳେ ଓଭରଲୋଡ ଯୋଗୁ ଟ୍ରାକ୍ଟରଟି ନଦୀ ଉପରକୁ ଉଠିପାରିନଥିଲା। ଫଳରେ ଭାରସାମ୍ୟ ହରେଇ ଗାଡ଼ିଟି ପଛଘୁଞ୍ଚି ଦେଇଥିଲା। ଏହି ସମୟରେ ବିବ୍ରତ ତଳେ ପଡ଼ିଯିବାରୁ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ପହଞ୍ଚି ବିବ୍ରତଙ୍କୁ ଉଦ୍ଧାର କରି ନିକଟସ୍ଥ ଲଇଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୋଲାବିରା ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୨,୬୭,୭୬୦ ହିତାଧିକାରୀ ପାଇଲେ ଦ୍ୱିତୀୟ କିସ୍ତି



ଦ୍ୱିତୀୟ କିସ୍ତି ପ୍ରଦାନ ଅବସରରେ ଉପସ୍ଥିତ ମହିଳାମାନେ।

**ସମ୍ବଲପୁର ଜିଲାରେ ସୁଭଦ୍ରା ଯୋଜନା**

ସମ୍ବଲପୁର,୮।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ପ୍ରଶାସନ ଓ ସମ୍ବଲପୁର ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଶନିବାର ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ମାନିତ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମର ଅତିରିକ୍ତ ଆୟୁକ୍ତ ସରୋଜିନୀ କୁଲୁ ସାମିଲ ହୋଇଥିଲେ। ସମ୍ବଲପୁର ଜିଲାରୁ ୨ ଲକ୍ଷ ୬୭ ହଜାର ୭୬୦ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜିଲାର ୬ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।

ମୁଖ୍ୟ ଅତିଥି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଥିଲେ, ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ଦିଗରେ ସୁଭଦ୍ରା ସହାୟତା ରାଶି ସହାୟକ ହେବ। ବିକଶିତ ଓଶା ଓ ବିକଶିତ ଭାରତ ଗଠନରେ ଭାଗୀଦାରୀ ହେବା ପାଇଁ ମହିଳାମାନଙ୍କୁ ସେ ଆହ୍ୱାନକରିଥିଲେ। ସେ ଆହୁରି କହିଥିଲେ ଯେ ସୁଭଦ୍ରା ଆଜି ପ୍ରାୟ ୧ କୋଟିରୁ ଉର୍ଦ୍ଧ ମହିଳାଙ୍କ ପାଖରେ ପହଞ୍ଚିଛି । ଯେଉଁମାନେ କୌଣସି କାରଣ ଯୋଗୁ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି, ମାର୍ଚ୍ଚ ୩୧ ସୁଦ୍ଧା ସେମାନଙ୍କର ସମସ୍ୟା ସମାଧାନ ପାଇଁ ସରକାର ଚେଷ୍ଟା କରୁଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଅବସର ରେ ଜିଲାର ମହିଳା ସ୍ୱେଚ୍ଛାସେବୀ ଝରଣା ମିଶ୍ର, ସୁନିତା ତ୍ରିପାଠୀ, ବାଣୀ ମହାପାତ୍ର ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶର ବଳିରାମ ବୋନ୍ଦର ସ୍ୱାଗତ ଅଭିଭାଷଣ ଦେଇଥିଲେ।

# ରେଳ ମଣ୍ଡଳରେ ମହିଳା ଦିବସ ପାଳିତ



ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ବଲପୁର,୮।୩(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳରେ ବିଗତ ଏକ ସପ୍ତାହ ଧରି ଚାଲିଥିବା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅଭିଯାନ ଶନିବାର ଉଦ୍‌ଯାପିତ ହୋଇଛି। ରେଳ ମଣ୍ଡଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ, ସମ୍ମାନିତ ଅତିଥିଭାବେ ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଙ୍ଗଠନର୍ ସମ୍ବଲପୁର ଶାଖା ଅଧକ୍ଷା ଲୀନା ପାଣ୍ଡେ ଓ ଏସିଏମ୍‌ଏସ୍ ସମ୍ବଲପୁରର ଡା. ପି ରାଜକୁମାରୀ ଯୋଗଦେଇଥିଲେ। ରେଳ ପ୍ରବନ୍ଧକ ପାଣ୍ଡେ ତାଙ୍କ ଅଭିଭାଷଣରେ କହିଥିଲେ ସମସ୍ତ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅପାର ସମ୍ଭାବନା ଓ ସୁଯୋଗ ରହିଛି। ଏହାର ସଦୁପଯୋଗ ପାଇଁ ସେମାନଙ୍କୁ ଆତ୍ମବିଶ୍ୱାସର ସହ ଅଗ୍ରସର ହେବାର ଆବଶ୍ୟକତା ରହିଛି। ମୁଖ୍ୟବକ୍ତାଭାବେ ଯୋଗଦେଇ ଡିଡବ୍ଲ୍ୟୁଆର୍‌ପିସି ସଦସ୍ୟା ରଖସାନା ପରବିନ ମହିଳା ସଶକ୍ତିକରଣ ଓ ସମାଜରେ ମହିଳାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଆବସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଣ୍ଡଳ କାର୍ମିକ ଅଧିକାରୀ ରାଜେଶ ଟିଗା ପରିଚାଳନା କରିଥିଲେ।

# ଫିରିଙ୍ଗିବାହାଲ ଦଳ ଚାମ୍ପିୟନ



ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ମେଜର ଧ୍ୟାନଚାନ୍ଦ ହକି ଟୁର୍ନାମେଣ୍ଟ**

ସମ୍ବଲପୁର,୮।୩(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ପ୍ରଥମ ମେଜର ଧ୍ୟାନଚାନ୍ଦ ହକି ଟୁର୍ନାମେଣ୍ଟ– ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଫିରିଙ୍ଗିବାହାଲ ଦଳ ଚାମ୍ପିୟନ ଓ ନର୍ଦ୍ଦନ ଷ୍ଟାର ରନର ଅପ ଟ୍ରଫି ହାସଲ କରିଛି। ଶନିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ବାମରା ବ୍ଲକର ଫିରିଙ୍ଗିବାହାଲ ବନାମ ସମ୍ବଲପୁର ମହାନଗର ନିଗମର ନର୍ଦ୍ଦନ ଷ୍ଟାର ମଧ୍ୟରେ ହୋଇଥିଲା । ଶେଷରେ ବାମରା ବଡ ଫିରିଙ୍ଗିବାହାଲ ୪–୨ ଗୋଲରେ ବିଜୟ ଲାଭ କରିଛି । ଫିରିଙ୍ଗିବାହାଲ ଖେଳାଳି ଏମ.ଲାକ୍ରା ୩ଟି ଏବଂ ଏସ.ଲାକ୍ରା ୧ଟି ଗୋଲ ସ୍କୋର କରିଥିଲେ । ସେହିପରି ନର୍ଦ୍ଦନ ଷ୍ଟାର ଖେଳାଳି ଅମିତ ଲାକ୍ରା ଓ ନମନ ଟପ୍ପୋ ଦଳ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ଜିଲା କ୍ରୀଡା ସଂଘ ହକି ସମ୍ପାଦକ ବିନୋଦ ଟପ୍ପୋଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ସମ୍ବଲପୁର ଜିଲାର ପୂର୍ବତନ ବିଜେଡି ସଭାପତି ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ଖେଳ ସମ୍ପାଦକ ରାଜୁ ସେଠ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, କୋଷାଧକ୍ଷ ଉମାପତି ତ୍ରିପାଠୀ, ବିଜେଡି ଯୁବ ନେତା ଲିଙ୍ଗରାଜ ତ୍ରିପାଠୀ, ଅବସରପ୍ରାପ୍ତ ଖେଳ ଶିକ୍ଷକ ସାହେବ ଖମାରୀ, ଜିଲା କ୍ରୀଡା ସଂଘ କାଉନସିଲ ସଭ୍ୟ ମନୋଜ ଭୋଇ ଓ ସୁବୋଧ କୁମାର ସାହୁ ଏବଂ ମହମ୍ମଦ ଇସାକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉପବିଜେତା ଦଳ ଏବଂ ଅମ୍ପେୟାରମାନଙ୍କୁ ପୁରସ୍କୃତ କରିଥିଲେ । ରାଜା ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ ଆଥେଲେଟିକ ସମ୍ପାଦକ ବିକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଲକ୍ଷ୍ମୀଧର ମହାନ୍ତି ଧାର ବିବରଣୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୮ଟି ଦଳ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ୭ଟି ମ୍ୟାଚ ହୋଇଥିଲା ।

## ଜିଏମ୍‌ୟୁ ସ୍ନାତକୋତ୍ତର ସଂସ୍କୃତ ବିଭାଗରେ ବ୍ୟାଖ୍ୟାନ

ସମ୍ବଲପୁର,୮।୩(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ସ୍ନାତକୋତ୍ତର ସଂସ୍କୃତ ବିଭାଗରେ ଶନିବାର ସଂସ୍କୃତ ବ୍ୟାକରଣ ଉପରେ ଏକ ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବକ୍ତାଭାବେ ବାରାଣସୀସ୍ଥିତ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ବ୍ୟାକରଣ ବିଭାଗ ସହକାରୀ ପ୍ରଫେସର ଡ. ପ୍ରିୟବ୍ରତ ମିଶ୍ର ଯୋଗ ଦେଇଥିଲେ। ସେ ଛାତ୍ରୀଛାତ୍ରମାନଙ୍କ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ନାଗେଶ ଭଟ୍ଟଙ୍କ ଦ୍ୱାରା ବିରଚିତ ପରମ ଲଘୁ ମଞ୍ଜୁଷା ଗ୍ରନ୍ଥର ଆଧାରରେ ବ୍ୟାକରଣନିକାୟେ ଶକ୍ତି ନିର୍ଣ୍ଣୟ ବିଷୟରେ ଶକ୍ତିର ସ୍ୱରୂପ ଏବଂ ଭେଦବିଷୟରେ ବ୍ୟାଖ୍ୟାନ କରିଥିଲେ। ଏହି ଅବସରରେ ସଂସ୍କୃତ ବିଭାଗ ମୁଖ୍ୟା ଡ. ସୁନେଲୀ ଦେଇ ମଞ୍ଚ ପରିଚାଳନା କରିଥିଲେ। ବିଭାଗ ସହାୟକ ଆଚାର୍ଯ୍ୟ ଡ. ପ୍ରଶାନ୍ତ କୁମାର ସେଠୀ, ସହାୟକ ଆଚାର୍ଯ୍ୟ ଡ.ବଳଭଦ୍ର କର୍ଣ୍ଣ, ଅଧ୍ୟାପକ ଦୀପକ ସାହୁ ଏବଂ ଅଧ୍ୟାପିକା କୁମାରୀ ପ୍ରଣତି ବଢେଇ ପ୍ରଭୃତି କାର୍ଯ୍ୟକ୍ରମରେ ସହାୟତା କରିଥିବା ବେଳେ ସହାୟକ ଆଚାର୍ଯ୍ୟ ଡ.ସାଲ ବେସ୍ରା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଭାଗର ଶୋଧଛାତ୍ର ବିବେକାନନ୍ଦ ସେଠୀ, ସୂରଜ ପଟେଲ, ପବିତ୍ର ଭୋଇ ସମେତ ଅନ୍ୟ ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନେ ମଧ୍ୟ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ଆଗକୁ ନେବାକୁ ସମାନତା ଜରୁରୀ



ମହିଳା ଦିବସ ପାଳନ ସଭାରେ ଅତିଥି ଓ ପୁରସ୍କୃତ ମହିଳାମାନେ।

ସମ୍ବଲପୁର, ୮।୩(ବି.ଶଙ୍କର)

ହୀରାକୁଦସ୍ଥିତ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ପାୱାର କଲୋନୀ କମ୍ୟୁନିଟି ହଲରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ହିଣ୍ଡାଲକୋ ସମ୍ବଲପୁର ୟୁନିଟ୍ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ପରାମର୍ଶକ୍ରମେ କାର୍ଯ୍ୟକ୍ରମ ହୋଇଥିଲା। ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ମୁଖ୍ୟ ଅତିଥି, ଦିବ୍ୟାଶୀ ମହିଳା କ୍ଲବ ସଦସ୍ୟା ଗୀତି ରାୟ ମଲ୍ଲିକ, ଲକ୍ଷ୍ମୀ ଝା, ମୌସୁମୀ ପାଢୀ, ହିଣ୍ଡାଲକୋ ସିଏସଆର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର ଏବଂ ବିଘ୍ନେଶ୍ୱର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଝିଅପୁଅଙ୍କୁ ସମାନ ଦେଖି ଆଗକୁ ନେବାକୁ ଉପଦେଶ ଦେଇଥିଲେ। ଆମେ ଲିଙ୍ଗଗତ ସମାନତାକୁ ରକ୍ଷା କରିବା ଏବଂ ଦେଶଜାତିକୁ ଆଗକୁ ନେବା। ମହିଳାଙ୍କୁ ଆଗକୁ ନେବା ପାଇଁ ସମାନତାର ଆବଶ୍ୟକତା ଜରୁରି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଲ୍ୟାଣୀ ଗୋଷ୍ଠୀ ବିକାଶ ସଂଘ ହୀରାକୁଦର ସଭାପତି ପୂର୍ଣ୍ଣବାସୀ ପଣ୍ଡା, ସମ୍ପାଦିକା ଶିବାନୀ ସୋନି ଉପସ୍ଥିତ ରହି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ମହମ୍ମଦପୁର କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ କୁମାର ଆଚାର୍ଯ୍ୟ, ମିଲନ କୁମାର ସାହୁ, ସନ୍ତୋଷ ତ୍ରିପାଠୀ, ଜୟଶ୍ରୀ ରାଓ ଏବଂ କଲ୍ୟାଣୀ ଗୋଷ୍ଠୀ ବିକାଶ ପରିଷଦର ବାସନ୍ତୀ ପାଣିଗ୍ରାହୀ, ସୁଜାତା କରାଳି, ଅନୁସୂୟା ପାତ୍ର, ଜ୍ୟୋତ୍ସ୍ନା ବେହେରା, ଲକ୍ଷ୍ମୀ କୁମ୍ଭାର ଏବଂ ସୁନିତା କରାଳି ସହଯୋଗ କରିଥିଲେ ।

## ୪ ସେଲିବ୍ରିଟି ଦଳର ଜର୍ସି ଉନ୍ମୋଚିତ



ଅଂଶ ଗ୍ରହଣକାରୀ ଦଳର ଜର୍ସି ଉନ୍ମୋଚନ କରାଯାଉଛି।

ସମ୍ବଲପୁର,୮।୩(ପ୍ରମୋଦ ବହିଦାର)

**ସେଲିବ୍ରିଟି ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଆଜି**

ସମ୍ବଲପୁରରେ ରବିବାର ଏକଦିବସୀୟ ସେଲିବ୍ରିଟି ଲିଗ୍ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଛି। ସ୍ଥାନୀୟ ହାୱା ମଇଦାନରେ ସକାଳ ୭ଟାରେ ପ୍ରତିଯୋଗିତା ଉଦ୍‌ଘାଟିତ ହେବ। ଏଥିରେ ଫୋକ–୧୧, ଥିଏଟର ଲିଜେଣ୍ଡସ୍, ଦ ନ୍ୟୁଜ ୱାରିୟର ଓ ରକ୍ ଷ୍ଟାର ଆଦି ନାଟ୍ୟକଳ, କଣ୍ଠଶିଳ୍ପୀ, ଲୋକକଳା ଓ ଗଣମାଧ୍ୟମ ଆଦି ବିଭିନ୍ନ କ୍ଷେତ୍ରର ପ୍ରତିନିଧିଙ୍କୁ ନେଇ ଗଠିତ ୪ଟି ଦଳ ଅଂଶଗ୍ରହଣ କରିବେ। ଏନେଇ ଶନିବାର ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆୟୋଜକ କମିଟିର ନନ୍ଦ କିଶୋର ସାହୁ ଓ ବିପ୍ଳବ ଡନ୍‌ସନା ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଫୋକ୍–୧୧ ଓ ଥିଏଟର ଲିଜେଣ୍ଡସ୍ ମଧ୍ୟରେ ହେବ। ଫାଇନାଲ ମ୍ୟାଚ ଅପରାହ୍ନ ୩ଟାରେ ହେବ। ଲିଗ ପର୍ଯ୍ୟାୟରେ ସମସ୍ତ ମ୍ୟାଚ ୮ ଓଭର ବିଶିଷ୍ଟ ହେବ। ଲିଗ୍ ପର୍ଯ୍ୟାୟରେ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲକୁ ଉତ୍ତୀର୍ଣ୍ଣ ହେବେ। ଅପରାହ୍ନ ୩ଟାରେ ୧୨ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଚାମ୍ପିୟନ ଓ ରନରଅପ୍ ଟ୍ରଫି ସହ ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ୨ ଦଳକୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତାରେ ଭାଗ ନେଇଥିବା ଫୋକ–୧୧ର ଅଧିନାୟକ ମହେଶ ପଟେଲ, ଥିଏଟର ଲିଜେଣ୍ଡସ୍‌ର ଅଧିନାୟକ ସୂର୍ଯ୍ୟ ପାଣିଗ୍ରାହୀ, ରକ୍‌ଷ୍ଟାର ଅଧିନାୟକ ଦୀପକ ମିଶ୍ର, ଦ ନ୍ୟୁଜ୍ ୱାରିୟର ଉପଅଧିନାୟକ ଚୈତନ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଦଳର ଜର୍ସୀ ଉନ୍ମୋଚିତ ହୋଇଥିଲା।

# ବିକଶିତ ରାଷ୍ଟ୍ର ଗଠନରେ ଭାଗୀଦାର ହୁଅ

**ବିଭିନ୍ନ ସ୍ଥାନରେ ବିଶ୍ୱ ମହିଳା ଦିବସ**

ସମ୍ବଲପୁର,୮।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଯୋଗ ପରିବାର ତରଫରୁ ବିଚିତ୍ରାନନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ବିଶ୍ୱ ମହିଳା ଦିବସ ଗାନ୍ଧୀପାର୍କଠାରେ ପାଳନ କରାଯାଇଥିଲ। ରାକ୍ଷୀ ମିଶ୍ର, ସୁଭଦ୍ରା ସାହୁ, ପିଙ୍କି କୁମାରୀ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ଯୋଗଗୁରୁ ଟିକେଲାଲ ଭୋଇ ଯୋଗ ଦ୍ୱାରା ମହିଳା ମାନେ ନିଜକୁ ସୁସ୍ଥ ରଖିବା ଉପରେ ଆଲୋଚନା କରିଥିଲେ। ହରିହର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗ ପରିବାରର ପ୍ରଦୀପ୍ତ ସୁଣାରୀ, ବିରଞ୍ଚି ନାୟକ, ଶଶୀକାନ୍ତ ଜେନା, ମନୋଜ ପଣ୍ଡା, ସୁବାସ ମହାପାତ୍ର, ନରେନ୍ଦ୍ର ପଟେଲ, ସୁଧୀର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

ପଶ୍ଚିମାଞ୍ଚଳ ନାରୀ ଶକ୍ତି: ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତି ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟି ମହିଳା ସଂଯୋଜିକା ପଙ୍କଜିନୀ ମେହେର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଆଇନ ପରାମର୍ଶଦାତା ବାଣୀ ମହାପାତ୍ର, ସାମାଜିକ କର୍ମୀ ମୀଦନା ନାଏକ, ବିୟୁଟିସିଏନ ଅନୁସୟା ବିଶ୍ୱାସ, ଦେବଶ୍ରୀ ପୋଥାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ହୀରାକୁଦ କଲୋନୀ ସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରରେ ମହିଳା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ମହିଳା ପ୍ରଭାରୀ ତଥା ଯୋଗ ପ୍ରଶିକ୍ଷିକା ଜେ. ଗିରିଜା ଦେବୀଙ୍କ ଅଧକ୍ଷତାରେ ଯୋଗ ପ୍ରଶିକ୍ଷଣ ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଡାକ୍ତର ସୁଜାତା ପଣ୍ଡା, ସମ୍ମାନିତ ଅତିଥି ଭାବେ ରୋଟାରି କ୍ଲବର ଅରୁଣା ସାହା, ଆଇନଜୀବୀ ପୁଷ୍ପା ମହାପାତ୍ର ଯୋଗଦାନ୍ତ କରିଥିଲେ। ଯୋଗ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।


କୁଚିଣ୍ଡା ଯାଦବ ଭବନରେ ଅନୁଷ୍ଠିତ ବିଶ୍ୱ ମହିଳା ଦିବସ ସଭାରେ ଯୋଗଦେଇଥିବା ଅତିଥିମାନେ।

**କୁଚିଣ୍ଡା,(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ଯାଦବ ଭବନରେ ନଗର ମହିଳା ମୋର୍ଚ୍ଚା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ସଭାନେତ୍ରୀ କୁଞ୍ଜଲତା ନାଏକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି, ଜିଲା ଭାଜପା ସମ୍ପାଦକ ବିଭୂତିକଲ୍ୟାଣ ପଟେଲ ମୁଖ୍ୟବକ୍ତା, ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଅନୁପମା ନାୟକ, ଏମ୍‌ପି ପ୍ରତିନିଧି ଅରୁଣ ଅଗ୍ରୱାଲ, ସୁଶୀଲ ଅଗ୍ରୱାଲ, ଆଇନଜୀବୀ କୁମାରେଶ ଦଶଭାୟା, ଯୁଧିଷ୍ଠିର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ମହିଳାଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନେ ସଚେତନ ହୋଇ ବିକଶିତ ରାଷ୍ଟ୍ର ଗଠନରେ ଭାଗିଦାର ହୁଅନ୍ତୁ। ଏହି ଅବସରରେ ମିସ୍ ଓଡ଼ିଶା ଲିପସା କୁମୁରା ଓ ମହିଳା ଓପିଏଲ କ୍ରିକେଟ ଖେଳାଳି ରଶ୍ମିତା ନାଏକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହିଳା ନେତ୍ରୀ ସୁନୈନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୌଦାମିନୀ ଛତ୍ରିଆ, ମଞ୍ଜୁଲତା ପରିଡା, ଅନିତା ଛତ୍ରିଆ, ରୂପାଲି ପାଣି, ସହଯୋଗ କରିଥିଲେ।

**ପଡିଆବାହାଲ, (ରାଧାମୋହନ ଷଡ଼ଙ୍ଗୀ):** ବୁର୍ଲା ତ୍ୟାଗ ଅନୁଷ୍ଠାନ ଆନୁକୂଲ୍ୟରେ ଯୁଯୁମୁରା ବ୍ଲକ ପଡିଆବାହାଲ ବିଦ୍ୟୁତ୍ ଉପଭୋକ୍ତା ସଂଘ, ବୀର ବଜରଙ୍ଗବଳି ଯୁବକ ସଂଘ ଓ ଦୁର୍ଗାପୂଜା କମିଟି ସହଯୋଗରେ ଆରୋଗ୍ୟ ମନ୍ଦିରରେ ମହିଳା ଦିବସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ରକ୍ତଭଣ୍ଡାରର ଡା ସୁରେଶ ବାରିକଙ୍କ ତତ୍ତ୍ୱାବଧାନ ତଥା ତ୍ୟାଗ ଅନୁଷ୍ଠାନର ବିରଞ୍ଚି ମହାପାତ୍ର, ପ୍ରଶାନ୍ତ ମାହାନ୍ତି, ଶିବ ସେଠୀ, ବିଷ୍ଣୁ ଶର୍ମା, ସୁବୋଧ କୁମାର ବେହେରା, ଡା ରାଜାରାମ ଷଡ଼ଙ୍ଗୀ ପ୍ରମୁଖଙ୍କ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ପରେ ସମସ୍ତଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା ।

**ନାକଟିଦେଉଳ, (ବୈକୁଣ୍ଠନାଥ ସାହୁ):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ମହୁଲକୁଦରେ ଗ୍ରାମ ମଙ୍ଗଳ ମହିଳା କମିଟି, ବିନ୍ଧ୍ୟବାସିନୀ ଓ ଅନ୍ୟ ଏସ୍‌ଏଚ୍‌ଜିଙ୍କ ମିଳିତ ଆନୁକୂଲ୍ୟରେ ମହିଳା ଦିବସ ପାଳିତ ହୋଇଯାଇଛି। ମହିଳା କମିଟି ସଭାନେତ୍ରୀ ଶୂନ୍ୟବାସୀ ନାୟକ, ସମ୍ପାଦିକା ପ୍ରତିମା ରାଉଳଙ୍କ ପରିଚାଳନାରେ ଏକ ସଚେତନତା ସଭା ଓ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ସୀମା ମହାନ୍ତି, ପଙ୍କଜିନୀ ନାୟକ ଓ ସାବିତ୍ରୀ ସାହୁ ସହଯୋଗ କରିଥିଲେ।

**କୁଚିଣ୍ଡା,(ବିରଞ୍ଚି ଦର୍ଶୀ):** କୁଚିଣ୍ଡା ଏନଏସି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏନଏସି ଉପାଧ୍ୟକ୍ଷା ଦେବଯାନୀ କାଲୋଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ମୁଖ୍ୟଅତିଥି, ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର,ଏନଏସି ଇଓ ଗୌରବ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।ଏଥିରେ ମହିଳା ଦିବସର ତାତ୍ପର୍ଯ୍ୟ ଓ ମହିଳାଙ୍କ ଅଧିକାର,ଲିଙ୍ଗଗତ ସମାନତା ସମ୍ପର୍କରେ ଆଲୋଚନା କରି ମହିଳା ସଶକ୍ତ ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଏନଏସି କର୍ମଚାରୀ ହିମାଂଶୁ ମହାନନ୍ଦ ପରିଚାଳନା କରିଥିଲେ। ଏଥିରେ କାଉନସିଲର, କର୍ମଚାରୀ,ଏସଏଚଜି ମହିଳା ମାନେ ଯୋଗଦେଇଥିଲେ। ସେହିପରି କୁଚିଣ୍ଡା ବ୍ଲକର ବକ୍ସମାରେ ଓଡିଶା ଜୀବିକା ମିଶନ ଓ ମିଶନଶକ୍ତି ପକ୍ଷରୁ ମହିଳା ଦିବସ ପାଳିତ ହୋଇଯାଇଛି। ବିପିଏମ ବିଳାସୀ ଖାଲକୋ, ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ, ବ୍ଲକ ଫେଡେରେଶନ ସଭାନେତ୍ରୀ ରମିତା ଚୌଧୁରୀ, ସଞ୍ଜୟ ମିଶ୍ର, ପିଇଓ ବର୍ଷାରାଣୀ ବିଶ୍ୱାଳ, ଏଡିଇଓ ସରୋଜ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏମବିକେ ହୁମାସିନୀ ଠାକୁର ଅତିଥି ପରିଚୟ ପ୍ରଦାନ କରିବା ସହ ସଭାପରିଚାଳନା କରିଥିବା ବେଳେ ଓଡ଼ିଶା ଜୀବିକା ମିଶନ ଜିଲା ସଂଯୋଜକ ଇସାନ ସାଗର ଧନ୍ୟବାଦ ଅର୍ପଣ କରିଥିଲେ।

